

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୨ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 12 OCTOBER 2023

Vol.No. 34 ■ No. 269■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୫ଦିନରେ ପହଞ୍ଚିଲା ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧ

## ରକ୍ତମୁଖା ଇସ୍ରାଏଲ ହମାସ ଉପରେ ଜାରି ରଖିଛି ଅତର୍କିତ ଆକ୍ରମଣ



ନୂଆଦିଲ୍ଲୀ,୧୧/୧୦ : ଯୁଦ୍ଧ ଆଣିଛି ଚିନ୍ତା, ଦୁଖ, ସମସ୍ୟା ଓ ଉତେଜନା ସହ ହିଂସା । ଶନିବାରଠୁ ଆରମ୍ଭ ହୋଇଛି ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ଘମାଘୋଟ ଲଢେଇ । ଯୁଦ୍ଧଭୂମିରୁ ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳୁଛି ଯାହା ମନକୁ ଦୋହାଲାଇ ଦେଉଛି । ହମାସ ଆତଙ୍କୀଙ୍କ ବର୍ବରତାକୁ କଡ଼ା ଜବାବ ଦେଉଛି ଇସ୍ରାଏଲ ସେନା । ଚରମସୀମା ଟପି ଇସ୍ରାଏଲ ନାଗରିକଙ୍କୁ ବର୍ବରତାର ସହ ହତ୍ୟା କରୁଛି ହମାସ । ଇସ୍ରାଏଲ ନାଗରିକଙ୍କ ହାତଗୋଡ ବାନ୍ଧିବା ପରେ ସେମାନଙ୍କୁ ନିଆଁମୁହଁକୁ ଫିଙ୍ଗି ଦେଉଛି ହମାସ । ନିଆଁ ଲଗାଇବା ପରେ ପଣବନ୍ଦିଙ୍କୁ ଘର ଭିତରକୁ ଫିଙ୍ଗି ଦେଉଛନ୍ତି । ପାଲେଷ୍ଟାଇନ ଓ ଇସ୍ରାଏଲ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି । ପ୍ରତିକ୍ଷଣରେ ମୃତ୍ୟୁକୁ ସାମ୍ନା କରୁଛନ୍ତି ସାଧାରଣ ଲୋକ । ମୁଣ୍ଡ ଉପରେ ଦେଇ ରକେଟ ଓ ମିଶାଇଲ ମାଡ ହେଉଛି । ଆକ୍ରମଣରେ ଧ୍ୱଂସ ସ୍ତୁପ ପାଲଟିଛି ବିଭିନ୍ନ ସ୍ଥାନ । ଏବେ ସୁଦ୍ଧା ଗଲାଣି ୧୨ଶହରୁ ଅଧିକ ଇସ୍ରାଏଲ ନାଗରିକଙ୍କ ଜୀବନ । ବନ୍ଧୁକ ମୁନରେ ଭୟଭୀତ କରି ପଣବନ୍ଧୀ ରଖିଛନ୍ତି ହମାସ ଆତଙ୍କି । ରକ୍ତମୁଖା ଇସ୍ରାଏଲ ଇଟାର ଜବାବ ପଥରରେ ଦେଉଛି । ଖୋଜି ଖୋଜି ହମାସ ଆତଙ୍କୀଙ୍କୁ ହତ୍ୟା କରୁଛନ୍ତି ଇସ୍ରାଏଲ ସେନା । ହମାସକୁ ନିପାତ କରିବା ପାଇଁ ଇସ୍ରାଏଲ ସେନା ଶନିବାରଠୁ ଆରମ୍ଭ କରିଛି ଅପରେସନ ସୋଡସ ଅଫ ଆଇରନ । କେଉଁଠି ଯବାନଙ୍କ ପଛରେ ଛିଡା ହୋଇ ସେମାନଙ୍କୁ ଖାଦ୍ୟପାନୀୟ ବାଂଟୁଛନ୍ତି ତ ପୁଣି କେଉଁଠି ଆହତଙ୍କ ଚିକିତ୍ସା ପାଇଁ ରକ୍ତଦାନ କରିବାକୁ ଆଗେଇ ଆସିଛନ୍ତି ଇସ୍ରାଏଲର ବାସିନ୍ଦା । ହମାସର ଆକ୍ରମଣରେ ହଜାର ସଂଖ୍ୟକ ଇସ୍ରାଏଲ ନାଗରିକ ଆହତ ହୋଇଛନ୍ତି । ପାଲେଷ୍ଟାଇନ-ଇସ୍ରାଏଲ ମଧ୍ୟରେ ଯୁଦ୍ଧରେ ୩ ହଜାରରୁ ଅଧିକ ଲୋକଙ୍କ ଜୀବନ ଗଲାଣି । ମଙ୍ଗଳବାର ହମାସର ୨୦୦ଟି ସ୍ଥାନରେ ଆକ୍ରମଣ କରିଛି ଇସ୍ରାଏଲ । ବର୍ତମାନ ସୁଦ୍ଧା ୨୨ ଶହରୁ ଅଧିକ ସ୍ଥାନକୁ ଟାର୍ଗେଟ୍ କରି ଧ୍ୱଂଶ କରିଛି ଇସ୍ରାଏଲ । ଗାଜାରେ ହମାସ ଏବଂ ଅନ୍ୟ ଆତଙ୍କବାଦୀ ଗୋଷ୍ଠୀ ୧୫୦ରୁ ଅଧିକ ଇସ୍ରାଏଲ ନାଗରିକ ଏବଂ ସୈନିକଙ୍କୁ ପଣବନ୍ଦୀ କରି ନେଇଛି ବୋଲି ଇସ୍ରାଏଲ କହିଛି । ଗାଜା ନିକଟ ୧୨ରୁ ଅଧିକ ସହରରୁ ଯୁଦ୍ଧକାଳୀନ ଭିତିରେ ହଜାର ହଜାର ଇସ୍ରାଏଲୀଙ୍କୁ ଖାଲି କରାଯାଉଛି । ୨ ଲକ୍ଷ ୬୦ ହଜାର ବିସ୍ଥାପିତ ହୋଇଛନ୍ତି ବୋଲି ୟୁଏନ କହିଛି । ସେପଟେ ୨୨ ସଦସ୍ୟ ବିଶିଷ୍ଟ ଆରବ ଲିଗର ବୁଧବାର ଜରୁରୀ ବୈଠକ । ରୁଷ ଗାଜାକୁ ସମର୍ଥନ କରିଛି । ଅନ୍ୟପଟେ ଯୁଦ୍ଧରେ ଇରାନର ସଂପୃକ୍ତି ଅଭିଯୋଗର ଆମେରିକା ତଦନ୍ତ ଆରମ୍ଭ କରିଥିବା ସୂଚନା ରହିଛି । ଡାଟା ସଂଗ୍ରହ କରି ଆମେରିକା ତଦନ୍ତ କରୁଥିବା ଜଣାପଡିଛି ।

# ସ୍କୁଟର ଯୋଜନା ମାଆଙ୍କ ଗତିକୁ ଶକ୍ତିଶାଳୀ କରିଛି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୧/୧୦ (ନି.ପ୍ର): ଲୋକସେବା ଭବନରେ ମିଶନଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଭିଭାଷଣରେ କହିଛନ୍ତି ଯେ, ମହିଳା ସଶକ୍ତିକରଣରେ ଆଜିର ଦିନ ଗୁରୁତ୍ୱପୂର୍ଣ୍ଣ। ମାଆମାନେ ଭଲ କାମ କରୁଛନ୍ତି। ଓଡ଼ିଶା ପାଇଁ ମାଆମାନେ ଆଣିଛନ୍ତି ନୂଆ ଗତି, ଶକ୍ତି ଓ ପ୍ରଗତି। ଗତି ହିଁ ଶକ୍ତି, ସ୍କୁଟର ଯୋଜନା ମାଆଙ୍କ ଗତିକୁ ଶକ୍ତିଶାଳୀ କରିଛି। ୧୫ ହଜାର ମାଆ ପାଇଛନ୍ତି ସ୍କୁଟର। ଆଗକୁ ଆଉ ୨ ଲକ୍ଷ ମାଆ ସ୍କୁଟର ପାଇବେ। ମିଶନଶକ୍ତି ସ୍କୁଟର ଯୋଜନାରେ ୫୨୮ କୋଟି ଟଙ୍କାର ସୁଧ ଋଣ ଛାଡ଼ ହେବ। ଏଣେ ମିଶନଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ ଏହି କାର୍ଯ୍ୟକ୍ରମରେ କହିଛନ୍ତି, ଏହା ଏକ ଏକ ଯୁଗାନ୍ତକାରୀ ପଦକ୍ଷେପ। ସ୍କୁଟର ମାଆମାନଙ୍କ ପାଇଁ ଏକ ପ୍ରତୀକ। ୩୩୮ ବ୍ଲକ ଫେଡେରେସନକୁ ସ୍କୁଟର ଦିଆଯିବ। ପଞ୍ଚାୟତ ଫେଡେରେସନ ପାଇଁ ଅଫିସ କମ୍ପ୍ଲେକ୍ସ ଓ ମାର୍କେଟ ବିଲ୍ଡିଂ ପାଇଁ ପ୍ରତି ପଞ୍ଚାୟତକୁ ୩୦ ଲକ୍ଷ ଲେଖାଏଁ ଟଙ୍କା ଦିଆଯାଇଛି । ୨ ଲକ୍ଷ ଗ୍ରୁପକୁ ୧୫୦ କୋଟିର ସୁଧ ଫେରସ୍ତ କରାଯାଇଛି। ଏସଏଚଜିକୁ ଏସଏମଇରେ ପରିଣତ ପାଇଁ ବଡ଼ ସହାୟକ ହେବ। ମିଶନ ଶକ୍ତି ମହିଳା ଘରୁ ବାହାରି ନିଜର ପରିଚୟ ସୃଷ୍ଟି କରିବେ।

# ଚାକିରି ଫେରି ପାଇଲେ ଭାରତୀ



ବାରିପଦା, ୧୧/୧୦ (ନି.ପ୍ର): ଚାକିରି ଫେରି ପାଇଲେ। ବ୍ୟାଙ୍କ ମିତ୍ର ଭାରତୀ ସିଂଙ୍କୁ ନିଜ ଚାକିରିରେ ଯୋଗଦେବା ପାଇଁ ପତ୍ର ଲେଖିଛନ୍ତି ବ୍ଲକ ପ୍ରଶାସନ। ପୁନଃ ନିଯୁକ୍ତି ପାଇବା ପରେ ଭାରତୀ କହିଛନ୍ତି, ସତ୍ୟ ଓ ନ୍ୟାୟରେ ଥିଲେ ସତ୍ୟର ନିଶ୍ଚିତ ଜୟ ହେବ। ତେବେ ଏଠି ପ୍ରଶ୍ନ ଉଠୁଛି, ଭାରତୀଙ୍କ ଚାକିରିରୁ ବହିଷ୍କାର ବାହାର କରିବା ପଛରେ କିଏ ? କିଏ ଭୁଲ୍ ନିଷ୍ପତ୍ତି ନେଇଥିଲା ? ବହିଷ୍କାର କରିବା ପୂର୍ବରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇନଥିଲା କି ? ନା ବହିଷ୍କାର ପାଇଁ ଉପରୁ ଚାପ ଥିଲା ଭାରତୀ ସିଂ। ଗତ କିଛି ଦିନ ହେଲା ଚର୍ଚ୍ଚାରେ ଥିଲେ ଏହି ନାଁ। ସେଏ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ୍ ବନ୍ଧଗୋଡ଼ା ପଞ୍ଚାୟତର ଆଦିବାସୀ ମହିଳା। ୪ ବର୍ଷ ହେଲା ବ୍ୟାଙ୍କ ମିତ୍ର ଭାବେ କାମ କରି ଆସୁଥିଲେ। ଭଲ କାମ କରିଥିବାରୁ ପ୍ରଶାସନଠାରୁ ପୁରସ୍କୃତ ହୋଇଥିଲେ। ଏହା ସତ୍ତ୍ୱେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଭୁବନେଶ୍ୱରରେ ବିକ୍ଷୋଭ ବେଳେ ରାଜ୍ୟ ସରକାର ଓ ତଥାକଥିତ ମୁଖୀଆଙ୍କ ବିରୋଧରେ ବର୍ଷିଥିବାରୁ ତାଙ୍କୁ ଚାକିରି ହରାଇବାକୁ ପଡ଼ିଥିଲା। ଭାରତୀଙ୍କୁ ଚାକିରିରୁ ବହିଷ୍କାର କରାଯିବା ପରେ ନାନା ଅଭିଯୋଗ ଅଣାଯାଇଥିଲା। ଯାହାକୁ ନେଇ ସମଗ୍ର ରାଜ୍ୟରେ ଝଡ଼ ସୃଷ୍ଟି ହୋଇଥିଲା। ବିଶେଷକରି ଆଦିବାସୀମାନେ ରଣହୁଙ୍କାର ଦେଇଥିଲେ।

▶▶ପୃଷ୍ଠା ୭

# ଗାଧୋଇବା ବେଳେ ବ୍ରାହ୍ମଣୀରେ ବୁଡ଼ିଗଲେ ଦୁଇ ସାଙ୍ଗ

ଯାଜପୁର, ୧୧/୧୦ (ନି.ପ୍ର): ଗାଧୋଇବା ବେଳେ ବ୍ରହ୍ମଣୀରେ ବୁଲିଗଲେ ଦୁଇ ସାଙ୍ଗ। ସ୍ଥାନୀୟ ଲୋକେ ଦୁଇ ସାଙ୍ଗଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ଆଜି ଅପରାହ୍ନରେ ଏପରି ଘଟଣା ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳରେ ଘଟିଛି। ଧର୍ମଶାଳା ଥାନା କୁମରୀ ଗାଁର ସୌମ୍ୟରଞ୍ଜନ ମହାରଣା, ଦେଓଦା ଗୋବିନ୍ଦ ରଣା ଓ ଅନ୍ୟ ୨ ସାଙ୍ଗଙ୍କ ସହ ମିଶି ବ୍ରହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ଦୁଇ ସାଙ୍ଗ ପ୍ରଥମେ ପଳାଇ ଆସିଥିଲେ। ହେଲେ ସୌମ୍ୟ ଓ ଗୋବିନ୍ଦ ଗାଧୋଉଥିଲେ। ସେହି ସମୟରେ ସେମାନେ ପାଣିରେ ବୁଡ଼ି ଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଦୁଇ ସାଙ୍ଗଙ୍କୁ ପାଣିରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ରିଜର୍ଭ ବ୍ୟାଙ୍କ ଆଗରେ ଉଡ଼ିଲା ଟଙ୍କା: ପହଞ୍ଚିଲା ପୁଲିସ୍



ଭୁବନେଶ୍ୱର, ୧୧/୧୦ (ନି.ପ୍ର): ରିଜର୍ଭ ବ୍ୟାଙ୍କ ସମ୍ମୁଖରେ ଉଡ଼ିଲା ଟଙ୍କା। ଭୁବନେଶ୍ୱରସ୍ଥିତ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମୁଖରେ ଆଜି ଦେଖିବାକୁ ମିଳିଛି ଏଭଳି ବିଚିତ୍ର ଚିତ୍ର । ଭୁବନେଶ୍ୱର ରାଜରାସ୍ତାରେ ଉଡ଼ିଲା ଚିରାଫଟା ୫ ଶହ, ୨ ଶହ ଓ ଶହେ ଟଙ୍କିଆ ନୋଟ୍ । ରିଜର୍ଭ ବ୍ୟାଙ୍କକୁ ଚିରାଫଟା ନୋଟ୍ ବଦଳ ପାଇଁ ଆସିଥିବା ସାଧାରଣ ଲୋକେ ନିରାଶ ହୋଇ ଏପରି କାଣ୍ଡ ଘଟାଇଥିବା ଜଣାଯାଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ନୋଟ୍ ଗ୍ରହଣ କରିବାକୁ ମନା କରିବାକୁ ଅସନ୍ତୁଷ୍ଟ ଲୋକେ ଏପରି କରିଥିବା ଜଣାଯାଇଛି। ବ୍ୟାଙ୍କକୁ ନୋଟ ବଦଳାଇବାକୁ ଯାଇଥିବା ଦିନେଶ କୁମାର ସାହୁ ନାମକ ବ୍ୟକ୍ତିଙ୍କ ଅଭିଯୋଗ ଅନୁଯାୟୀ, ଆଜି କିଛି ଗ୍ରାହକ ବ୍ୟାଙ୍କକୁ ନିଜ ପାଖରେ ଥିବା ଚିରାଫଟା ନୋଟ ବଦଳାଇବାକୁ ଯାଇ ଲାଇନ୍‌ରେ ଛିଡ଼ା ହୋଇଥିଲେ। ମାତ୍ର ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ନୋଟ୍‌କୁ ଗ୍ରହଣ ନ କରିବାରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ପଚାରିବାରୁ ଗତ ୩ ତାରିଖରୁ ପୁରୁଣା ନୋଟ୍ ବଦଳ କାଉଣ୍ଟର ବନ୍ଦ ଥିବା କର୍ତ୍ତୃପକ୍ଷ କହିଛନ୍ତି। ତେବେ ଏନେଇ ଲିଖିତ ଭାବେ କିଛି ବାହାରି ନ ଥିବା ବେଳେ ଗଣମାଧ୍ୟମରେ ବି ଏ ସଂକ୍ରାନ୍ତୀୟ ଖବର ପ୍ରକାଶିତ ହୋଇନି। ତେଣୁ ପ୍ରତିଦିନ ୨ଶହରୁ ୩ ଶହ ଲୋକ

▶▶ପୃଷ୍ଠା ୭

# ନିପାତ ହେଲା ପଠାନ କୋଟ ଆକ୍ରମଣର ମାଷ୍ଟରମାଇଣ୍ଡ



ନୂଆଦିଲ୍ଲୀ,୧୧/୧୦ : ନିପାତ ହେଲା ପଠାନ କୋଟ ଆକ୍ରମଣର ମାଷ୍ଟରମାଇଣ୍ଡ । ଅଜଣା ଦୁର୍ବୃତ୍ତର ଗୁଳିମାଡ଼ର ଚାଲିଗଲା କୁଖ୍ୟାତ ଆତଙ୍କୀ ସାହିଦ ଲତିଫର ଜୀବନ । ଏନଆଇଏ ପାଇଁ ମୋଷ୍ଟ ୱାଂଟେଡ୍ ତାଲିକାରେ ଥିଲା ସାହିଦ ଲତିଫ। ଆତଙ୍କୀଙ୍କ ଚରାଭୂଇଁ ପାଲଟିଥିବା ପାକିସ୍ତାନରେ କିଏ ଓ କାହିଁକି ଲତିଫକୁ ହତ୍ୟା କଲା ତାହା ଅସ୍ପଷ୍ଟ। ୨୦୧୬ରେ ପଞ୍ଜାବ ପଠାନକୋଟର ଏୟାରବେସ୍ ଉପରେ ଆତଙ୍କୀ ଆକ୍ରମଣ ହୋଇଥିଲା । ଏହି ଆକ୍ରମଣ ଆତଙ୍କବାଦୀ ସଂଗଠନ ଜୈଶ-ଏ ମହମ୍ମଦ କରିଥିଲା ।

# ନିର୍ବାଚନ ତାରିଖ ଘୋଷଣା ହେବା ପରେ ଜବତ ହେଲା ନଗଦ ୫.୧ କୋଟି ଟଙ୍କା, ୭ କେଜି ସୁନା

ନୂଆଦିଲ୍ଲୀ,୧୧/୧୦ : ଆସନ୍ତା ନଭେମ୍ବର ୩୦ରେ ଅନୁଷ୍ଠିତ ହେବ ତେଲେଙ୍ଗାନା ବିଧାନସଭା ନିର୍ବାଚନ। ସୋମବାର ଏନେଇ ତାରିଖ ଘୋଷଣା ହେବା ସହ ରାଜ୍ୟରେ ନିର୍ବାଚନ ଆଚରଣବିଧି ମଧ୍ୟ ଲାଗୁ ହୋଇଛି। ତେବେ ବୁଧବାର ସୁଦ୍ଧା ହାଇଦ୍ରାବାଦ ପୁଲିସ ବିଭିନ୍ନ ସ୍ଥାନରୁ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ରଖଯାଇଥିବା ନଗଦ ୫.୧ କୋଟି ଟଙ୍କା, ୭ କେଜିରୁ ଅଧିକ ସୁନା ଯାହାର ଦାମ ୪.୨ କୋଟି ଟଙ୍କା ଓ ୧୧୦ ଲିଟର ମଦ ଜବତ କରିଛି। ତାରିଖ ଘୋଷଣା ହେବାର ୨ ଦିନ ମଧ୍ୟରେ ଏତେ ପରିମାଣର ଟଙ୍କା, ସୁନା ଓ ମଦ ଜବତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ହାଇଦ୍ରାବାଦ ପୁଲିସ୍ କହିଛି ଯେ ନିର୍ବାଚନକୁ ମୁକ୍ତ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ଶେଷ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ତାରିଖ ଘୋଷଣା ହେବା ପରେ ବେଆଇନ ଆର୍ଥିକ କାରବାର, ଡ୍ରଗ୍ସ, ମଦ ଓ ମାଗଣା ଉପହାରଗୁଡ଼ିକ ବିରୋଧରେ ଅଭିଯାନ ଆରମ୍ଭ କରାଯାଇଛି। ସୋମବାର ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ପରେ ଧରପଗଡ଼କୁ ଜୋରଦାର କରାଯାଇଥିଲା। ତାରିଖ ଘୋଷଣା ହେବା ଠାରୁ ଇତି ମଧ୍ୟରେ ପୁଲିସ ୭.୦୬ କେଜିର ସୁନା, ୧୧.୦୭ କେଜି ରୁପାର(୮.୬୭ ଲକ୍ଷ), ନଗଦ ୫.୧ କୋଟି ଟଙ୍କା ଓ ୧୧୦ ଲିଟର ମଦ ଜବତ କରିଛି। ଏହାବାଦ ପୁଲିସ୍ ୨କେଜି ଗଞ୍ଜେଇ, ୨୩ ମୋବାଇଲ ଫୋନ ଓ ୪୩ କ୍ୱିଣ୍ଟାଲ ପିଡିଏସ ଚାଉଳ ମଧ୍ୟ ଧରିବାକୁ ସକ୍ଷମ ହୋଇଛି। ସ୍ଥାନୀୟ ପୁଲିସ୍,

▶▶ପୃଷ୍ଠା ୭

# ଆଫଗାନିସ୍ତାନ ବିରୋଧରେ ଭାରତର ବଡ ବିଜୟ: ୮ ୱିକେଟରେ ଜିତିଲା ଟିମ ଇଣ୍ଡିଆ



ନୂଆଦିଲ୍ଲୀ,୧୧/୧୦ : ରୋହିତ ଶର୍ମାଙ୍କ ଦମଦାର ଶତକ ବଳରେ ଭାରତ ବୁଧବାର ଦିନ ଆଫଗାନିସ୍ତାନ ବିପକ୍ଷରେ ବିରାଟ ବିଜୟ ହାସଲ କରିଛି । ଅତିଥି ଟିମକୁ ଆୟୋଜକ ଭାରତ ୮ ୱିକେଟରେ ପରାସ୍ତ କରିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ପରିଚାଳିତ ବିଶ୍ୱକପ୍-୨୦୨୩ରେ ଆଫଗାନିସ୍ତାନ ପକ୍ଷରୁ ମିଳିଥିବା ୨୭୩ ରନର ବିଜୟ ଲକ୍ଷ୍ୟକୁ ଭାରତ ୩୫ ଓଭରରେ ୨ ୱିକେଟ ହରାଇ ପୂରା କରିଛି। ଆଜି ଭାରତର ବିଜୟକୁ ହିଟ୍ ମ୍ୟାନ୍ ରୋହିତ ଶର୍ମା ସହଜ କରି ଦେଇଥିଲେ। ସେ ୮୪ଟି ବଲ୍ ଖେଳି ୧୬ଟି ଚୌକା ଓ ୫ଟି ଛକା ସହିତ ବ୍ୟକ୍ତିଗତ ଭାବେ ୧୩୧ ରନ୍ ସଂଗ୍ରହ କରିଥିଲେ। ଏଥି ସହିତ ରୋହିତ ବିଶ୍ୱକପ୍ ଇତିହାସରେ ସର୍ବାଧିକ ୭ଟି ଶତକ ପୂରା କରିଥିଲେ। ତାଙ୍କ ପରେ ବିଶ୍ୱ ପ୍ରସିଦ୍ଧ କ୍ରିକେଟର ସଚିନ ତେନ୍ଦୁଲକର ୬ଟି ଶତକ ମାରିଛନ୍ତି। କେବଳ ଏତିକି ନୁହେଁ ବିଶ୍ୱକପରେ ରୋହିତ ୧ ହଜାର ରନ୍ ପୂରା କରିଥିବା ବେଳେ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକା (୫୫୬) ମାରିବାରେ ରେକର୍ଡ କରିଥିଲେ।

▶▶ପୃଷ୍ଠା ୭

# ବଦଳିଲା ନିର୍ବାଚନ ତାରିଖ: ନଭେମ୍ବର ୨୩ ନୁହେଁ, ୨୫ରେ ରାଜସ୍ଥାନ ଭୋଟ



ନୂଆଦିଲ୍ଲୀ,୧୧/୧୦ : ବଦଳିଛି ରାଜସ୍ଥାନ ବିଧାନସଭା ନିର୍ବାଚନ ତାରିଖ। ଦିନକ ତଳେ ରାଜସ୍ଥାନବାସୀ ନଭେମ୍ବର ୨୩ରେ ଭୋଟ ଦେବେ ବୋଲି ମୁଖ୍ୟ ନିର୍ବାଚନ କମିଶନର ଘୋଷଣା କରିଥିଲେ। ହେଲେ ଆଜି ଭୋଟିଂ ତାରିଖରେ ସଂଶୋଧନ କରାଯାଇଛି। ରାଜସ୍ଥାନବାସୀ ନଭେମ୍ବର ୨୩ ବଦଳରେ ନଭେମ୍ବର ୨୫ରେ ଭୋଟ ଦେଇ ନିଜ ପସନ୍ଦର ସରକାର ବାଛିବେ। ମତଦାନର ତାରିଖ ବଦଳି ଥିଲେ ହେଁ ଭୋଟ ଗଣତି ଓ ଫଳାଫଳ ବାକି ୪ ରାଜ୍ୟ ସହ ଡିସେମ୍ବର ୩ ତାରିଖରେ ପ୍ରକାଶ ପାଇବ। ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ହୋଇଥିବା ବିବୃତିରେ କୁହାଯାଇଛି ଯେ ନଭେମ୍ବର ୨୩ ତାରିଖରେ ଏକାଧିକ ବାହାଘର ଓ ସାମାଜିକ କାର୍ଯ୍ୟ ସବୁ ରହିଛି। ତେଣୁ ଭୋଟିଂ ଉପରେ ଏହା ପ୍ରଭାବ ପକାଇପରେ। ଭୋଟିଂ ହାର କମି ପାରେ। ତେଣୁ ଏହାକୁ ଦୃଷ୍ଟିରେ ରଖି ତାରିଖ ପରିବର୍ତ୍ତନ କରାଯାଇଛି। ଗତ ୯ ତାରିଖରେ ମୁଖ୍ୟ ନିର୍ବାଚନ

▶▶ପୃଷ୍ଠା ୭

## ସମସ୍ୟା ଘେରରେ ତେଲିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

କୋରେଇ, ୧୧/୧୦ (ନି.ପ୍ର): କୋରାଇ ଶିକ୍ଷା ମଣ୍ଡଳ ଅଧନସ୍ଥ ଗୋଲେଇପୁର ପଂଚାୟତର ତେଲିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ନାନା ସମସ୍ୟା ଘେରରେ ରହିଛି। ବିଦ୍ୟାଳୟଟିରେ ଗ୍ରାମର ପାଖାପାଖି ୫୦ ଜଣ ପିଲା ଅଧ୍ୟୟନ ଥିବା ବେଳେ ପ୍ରଧାନଶିକ୍ଷକ ଓ ଦୁଇ ଜଣ ସହକାରୀ ଶିକ୍ଷକ କାର୍ଯ୍ୟରତ। ମାତ୍ର ବିଦ୍ୟାଳୟଟିର ଚାରି ପାଖରେ ଘାସ ଜଙ୍ଗଲରେ ପରିଣତ ହୋଇଥିବା ବେଳେ ଶିକ୍ଷକ ଓ ପିଲାମାନଙ୍କ ଲାଗି ନିର୍ମାଣ ହୋଇଥିବା ଶୌଚାଳୟ ଉଇ ହୁଙ୍କାରେ ଭର୍ତି। ଫଳରେ ବିଦ୍ୟାଳୟକୁ ଆସୁଥିବା ପିଲା ମାନଙ୍କ ସହିତ ଶିକ୍ଷକ ମାନେ ଶୌଚ ହେବା ଲାଗି ବାହାରକୁ ଯାଆନ୍ତି। ବିଦ୍ୟାଳୟ ପରିଚାଳନା କମିଟିରେ ଗୋଲେଇପୁର ସରପଂଚଙ୍କ ସମର୍ଥନ ନଥିବାରୁ ପିଲା ମାନେ ଦୁଇ ବର୍ଷ ହେଲାଣି ପୋଷାକ ପାଇପାରିନାହାନ୍ତି। ଏ ନେଇ ସରପଂଚ ସସ୍ମିତା ମାଝୀଙ୍କ ପ୍ରତିକ୍ରିୟା ନେବାରୁ ଉକ୍ତ କମିଟି ଗଠନ ସମୟରେ ତାଙ୍କୁ ଡ଼କାଯାଇନଥିଲା ବୋଲି ପ୍ରକାଶ କରିଥିଲେ। ତେବେ ବର୍ତମାନ ଡ଼େଙ୍ଗୁ ଜ୍ୱର ଚାରିଆଡ଼େ ବ୍ୟାପୁଅଛି। ତେଣୁ ବିଦ୍ୟାଳୟ ପରିସରକୁ ପରିଷ୍କାର ପରିଚ୍ଛନ ରଖିବା ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ମାନେ ଏଥି ପ୍ରତି ସଜାଗ ନଥିବା ବିଦ୍ୟାଳୟ ପରିସରକୁ ଯେ କେହିବି ଦେଖିଲେ ଜାଣିପାରିବ। ତା ଛଡ଼ା ବାହାରେ ଶୌଚ ହେବାକୁ ଯାଉଥିବା ବିଦ୍ୟାଳୟର ପିଲାମାନେ ବିଷାକ୍ତ ସର୍ପ ଦଂଶନର ମଧ୍ୟ ଭୟ ରହୁଛି।

# ମଧ୍ୟାହ୍ନ ଭୋଜନରେ ଅଣ୍ଡା ବଦଳରେ ବିସ୍କୁଟ : ଚମ୍ପୁଆ ଶିକ୍ଷା ବିଭାଗର ତଦନ୍ତ

ଚମ୍ପୁଆ, ୧୧/୧୦ (ନି.ପ୍ର): ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ପତଳା ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲା ଖଣିଜ ପାଣ୍ଠିରୁ ମାଧାହ୍ନ ଭୋଜନରେ ଅଣ୍ଡା ବଦଳରେ ବିସ୍କୁଟ ଦିଆ ଯିବାକୁ ନେଇ ଅଭିଭାବକ ମହଲରୁ ଅଭିଯୋଗ ହେବା ପରେ ଆଜି ଶିକ୍ଷା ବିଭାଗ ତରଫରୁ ତଦନ୍ତ ଆରମ୍ଭ କରାଯାଇଛି । ଜିଲ୍ଲା ଖଣିଜ ପାଣ୍ଠିରୁ ମାଧାନ୍ନ ଭୋଜନରେ ସପ୍ତାହ ର ତିନି ଦିନ ପିଲାଙ୍କୁ ଅଣ୍ଡା ଦିଆ ଯିବାର ଯୋଜନା ଥିବାବେଳେ ଚମ୍ପୁଆ ବ୍ଲକ ପତଳା ପ୍ରାଥମିକ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗତ ୨ ସପ୍ତାହରୁ ଅଧିକ ହେବ ଅଣ୍ଡା ଦର ବୃଦ୍ଧିର ଆଳ ଦେଖାଇ ପିଲାଙ୍କୁ ମଧାନ୍ନ ଭୋଜନରେ ଅଣ୍ଡା ବଦଳରେ ବିସ୍କୁଟ ଦିଆ ଯାଉ ଥିବା ନେଇ ଆଜି ଅଭିଭାବକ ମହଲରୁ ଅଭିଯୋଗ ହୋଇଥିଲା । ଏପରିକି ମାତ୍ର ଅଧକଏଜଇ ଡାଲି ୮୦ ପିଲାଙ୍କ ପାଇଁ ରୋଷେଇ ହେବା। ବିଦ୍ୟାଳୟ ରେ ଠିକ୍ ଭାବରେ ପାଠପଢ଼ା ନ ହେବା ନେଇ ବିଦ୍ୟାଳୟ ର କମିଟି ଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ଙ୍କ ନିର୍ଦ୍ଦେଶ କ୍ରମେ କାଳିକା ପ୍ରସାଦ ସି ଆର ସି ଦିପକ ମିଶ୍ର ବ୍ରହ୍ମା ପୂର୍ବତନ ସି ଆର ସି ସୁଶାନ୍ତ କୁମାର ନାଏକ ପ୍ରମୁଖ ବିଦ୍ୟାଳୟ କୁ ଯାଇ ଏହାର ତଦନ୍ତ ଆରମ୍ଭ କରିଥିବା ଜଣା ପଡିଛି । ତେବେ ଗତ ୧୫ ଦିନ ହେବ ପିଲାଙ୍କୁ ନିୟମିତ ଅଣ୍ଡା ବଦଳରେ ବିସ୍କୁଟ ଦିଆ ଯିବା ନେଇ ତଦନ୍ତରୁ ଜଣା ପଡିଛି । ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଙ୍କୁ ରିପୋର୍ଟ ଦେବାପରେ ବିଭାଗ ତରଫରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସି ଆର ସି ଦିପକ ମିଶ୍ର ବ୍ରହ୍ମା ଗଣମାଧ୍ୟମକୁ ସୂଚନା ଦେଇ ଥିବାବେଳେ ଚମ୍ପୁଆ ବ୍ଲକରେ ବହୁ ବିଦ୍ୟାଳୟରେ ଦର ବୃଦ୍ଧି ଆଳରେ ପିଲାଙ୍କୁ ଅଣ୍ଡା ରୁ ବଂଚିତ ରଖାଯିବା ଘଟଣା ସାମ୍ନାକୁ ଆସୁଥିବା ଦେଖିବାକୁ ମିଳୁଛି ।

# ଓଡ଼ିଶା ବୁଣାକାର ମହାସଂଘର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୧୧/୧୦ (ନି.ପ୍ର): ଓଡ଼ିଶା ବୁଣାକାର ମହାସଂଘର ବାର୍ଷିକ ସମ୍ମିଳନୀ ଓ ବୁଣାକାର ପ୍ରତିଭା ସମ୍ମାନ ଉତ୍ସବ ଭୁବନେଶ୍ୱର ଜୟଦେବ ଭବନଠାରେ ମଙ୍ଗଳବାର ମହାସଂଘର ସଭାପତି ଶ୍ରୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବରେ ସମବାୟ, ଖାଉଟି କଲ୍ୟାଣ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦ୍‌ଘାଟନ କରିଥିବା ବେଳେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପଦ୍ମଶ୍ରୀ ପ୍ରଭାକର ମହାରଣା, ମୁଖ୍ୟବକ୍ତା ଭାବେ ଓଡ଼ିଶା କୋଠାବାଡି ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷା ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କ୍ରିଷ୍ଣ ସାହୁ ଓ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ୍ ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିଲେ। ଏହି ସମ୍ମିଳନୀରେ "ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ପ୍ରତିଭା ସମ୍ମାନ" ରାଜ୍ୟର ଖ୍ୟାତିସମ୍ପନ୍ନ ତିନିଜଣ ବୁଣାକାର ଖଗେଶ୍ୱର ମେହେର, ଭାସ୍କର ମେହେର ଓ ଗୋପାଳ ମେହେରଙ୍କୁ ପ୍ରଦାନ କରାଯାଇଥିଲା । ତତ୍‌ସହିତ ରାଜ୍ୟର ବିଭିନ୍ନ ବୟନ ମଣ୍ଡଳରୁ ୧୫ଜଣ ମହିଳା ଓ ପୁରୁଷ କୁଶଳୀ ବୁଣାକାରଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା । ଏହି ସମ୍ମିଳନୀରେ ମହାସଂଘର ମୁଖପତ୍ର 'ବୟନବାର୍ତା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ମହାସଂଘର ସଭାପତି ଶ୍ରୀ ବେହେରା ବୁଣାକାରମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଛଅ ଦଫା ସମ୍ବଳିତ ଏକ ଦାବିପତ୍ର ଅତିଥିମାନଙ୍କୁ ଦେଇଥିଲେ। ଏହିସବୁ ଦାବିଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ସମାଧାନ କରିବାକୁ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମେୟର ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ।

# ନିଜଠୁ ଆରମ୍ଭ ହେଉ ମାନସିକ ସ୍ୱାସ୍ଥ୍ୟ ସଚେତନତା

ବଲାଙ୍ଗୀର, ୧୧/୧୦ (ନି.ପ୍ର): ଆଜି ଜାତୀୟ ସ୍ୱାସ୍ଥ୍ୟ ମିଶନ ସଭା ଗୃହ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କ ଅଧ୍ୟକ୍ଷତା ରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ହୋଇଛି। ଅନ୍ୟ ଅତିଥି ଭାବେ ବିବିଏମସିଏଚ ସୁପେରିଟେଣ୍ଡେଂଟ ଡାକ୍ତର ପ୍ରଫେସର ମାନସୀ ପଣ୍ଡା, ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ସୁଶାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦିବ୍ୟକିଶୋର ପତି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସେକ୍ରେଟାରୀ ବିନୟ କୁମାର ପାତ୍ର, ମାନସିକ ରୋଗ ବିଭାଗ ମୁଖ୍ୟ ଡାକ୍ତର ଆଶ୍ରିବାଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱରେ ଜନସଂଖ୍ୟାର ପ୍ରାୟତଃ ଦଶ ପ୍ରତିଶତ ଲୋକ ମାନସିକ ରୋଗରେ ପୀଡିତ। ତନ୍ମଧ୍ୟରୁ ଏକ ପ୍ରତିଶତ ଏହି ରୋଗ ରେ ଗୁରୁତର ପୀଡିତ। ଏହା ପରେ ବି ସାମାଜିକ ଡର, ବାସନ୍ଦ ହେବ ଭୟରେ ପ୍ରକାଶ ନ କରିବା, ରୋଗ ପ୍ରତିରୋଧ ପାଇଁ କୌଣସି ପଦକ୍ଷେପ ନ ନେବା ଆଦି ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାଭିତ କରେ। ତେବେ ଏବେ ମାନସିକ ସ୍ୱାସ୍ଥ୍ୟ ସଚେତନତା ପାଇଁ ଗଭୀର ଚିନ୍ତନ କରିବାର ସମୟ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ବର୍ତମାନ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠୁ ଆରମ୍ଭ କରି ସମସ୍ତ ମେଡିକାଲରେ ଏହାର ମାଗଣା ପରୀକ୍ଷା ଏବଂ ଔଷଧ ଦିଆଯାଉଛି। ସରକାର ଏହି ସେବାକୁ ଏବେ ଘରେ ଘରେ ପହଂଚାଉଛନ୍ତି। ଟେଲିମାନସ ନାମରେ ଏକ ଦେୟମୁକ୍ତ ନମ୍ବର ଜରିକରିଛନ୍ତି। ଜଣେ ୧୪୪୧୬ କୁ ଫୋନ କରି ରୋଗ ବିଷୟରେ ସହାୟତା ନେଇପାରିବ। ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଉପଲକ୍ଷେ ବିତର୍କ ପ୍ରତିଯୋଗୀତାରେ ପୃଥୀରାଜ ହାଇସ୍କୁଲର ସାଇ ଶ୍ରୀ ରାମ ମିଶ୍ର, ସୌମ୍ୟ ପଟ୍ଟନାୟକ, ହରେରାମ ମିଶ୍ର, ଭଗବତୀ କୌଶଲ୍ୟା ନର୍ସିଙ୍ଗ ସ୍କୁଲ ର ହିମାଂଶୁ ଶେଖର ବାଗ, ତନମୟୀ ବେହେରା, ସଞ୍ଜନା ମିଶ୍ର ଏବଂ ଏ.ଏନ.ଏମ ପ୍ରଶିକ୍ଷଣ ସଂସ୍ଥାନର ଅବନୀ ପଧାନ, ସୁକନ୍ୟା ନନ୍ଦୀ, ସୁଶ୍ରୀ ପୂର୍ଣ୍ଣବାସୀ ସୁନା ପୁରସ୍କୃତ ହେଇଥିଲେ। ସକାଳେ ଜିଲ୍ଲା ମୁଖ୍ୟ ମେଡିକାଲ ରୁ ଏକ ରାଲି ସହର ଅତିକ୍ରମ କରି ମାନସିକ ସ୍ୱାସ୍ଥ୍ୟ ସଚେତନତା ବାର୍ତା ବାଂଟିଥିଲା। ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ର ପରିଚାଳନା ଅଧିକାରୀ ଡାକ୍ତର ସୁଖୀଶ୍ୟାମ ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହ ମଂଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ , ଆଶା କର୍ମୀ ଙ୍କ ସହ ମେଡିକାଲର କାର୍ଯ୍ୟକର୍ତା ସାମିଲ ଥିଲେ।

# ଦିବ୍ୟାଙ୍ଗ ଭଗବାନଙ୍କୁ ଆବାସ ପ୍ରତାରଣା: ଏନ୍‌ଏଚ୍‌ଆରସିରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ହାଜର ନିର୍ଦ୍ଦେଶ




ଚିକିଟି, ୧୧/୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ୍‌ର ଗରିବ ଓ ଦିବ୍ୟାଙ୍ଗ ଭଗବାନ ସାହୁଙ୍କୁ ଆବାସ ଯୋଜନାରେ ସାମିଲ ନକରିବା ସହିତ କାର୍ଯ୍ୟାଦେଶ ପାଇଁ ଲାଞ୍ଚ ମାଗିବା ଭଳି ଘଟଣାରେ ହସ୍ତକ୍ଷେପ କରିଥିଲେ ଜାତୀୟ ମାନବ ଅଧିକାର କମିସନ୍ । ଏହି ମାମଲାର ତଦନ୍ତ କରି ଏନ୍‌ଏଚ୍‌ଆରସି ରିପୋର୍ଟ ଦେବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବାରମ୍ବାର ସର୍ତ୍ତମୂଳକ ସମନ ସତ୍ତ୍ୱେ ରିପୋର୍ଟ ଦାଖଲ ନକରିବାରୁ ଏନ୍‌ଏଚ୍‌ଆରସି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆସନ୍ତା ନଭେମ୍ବର ୧୦ ତାରିଖ ସକାଳ ୧୧ଟାରେ ଦିଲ୍ଲୀସ୍ଥିତ ଜାତୀୟ ମାନବାଧିକାର କମିସନ୍‌ଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଜିଲ୍ଲାପାଳଙ୍କୁ ସମନ ମାଧ୍ୟମରେ ନିର୍ଦ୍ଦେଶ ଜାରି ହୋଇଛି। ଭାରତୀୟ ଦଣ୍ଡବିଧି ଆଇନର ଧାରା ୧୭୫, ୧୭୬ ଓ ୧୭୭ ଅନୁସାରେ ଜିଲ୍ଲାପାଳ ହାଜର ହେବେ ବୋଲି ସୂଚନା ମିଳିଛି। ଚିକିଟି ବ୍ଲକ୍ ଚାନ୍ଦପୁର ପଞ୍ଚାୟତ ଡ଼ୁଭାର ଗ୍ରାମର ଦିବ୍ୟାଙ୍ଗ ଭଗବାନ ଏକ ୱେଲଡିଂ ଦୋକାନରେ କାମ କରି ପରିବାର ଚଳାଉଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ସେ ଆବେଦନ କରିବା ପରେ ୨୦୧୮ରେ ତାଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ସେ ଲାଞ୍ଚ ନଦେବାରୁ ତାଙ୍କୁ ଯୋଜନାରୁ ବାଦ୍ ଦିଆଯିବା ଭଳି ସଙ୍ଗିନ୍ ଅଭିଯୋଗ ହୋଇଥିଲା। ଏନେଇ ଭଗବାନ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଏହି ଘଟଣାକୁ ନେଇ ବ୍ରହ୍ମପୁର ସହରର ଯୁବ ମାନବାଧିକାର କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଏନ୍‌ଏଚ୍‌ଆରସିରେ ପିଟିସନ୍ ରୁଜୁ କରିଥିଲେ। ଏନ୍‌ଏଚ୍‌ଆରସି ଏହି ପିଟିସନ୍ ଗ୍ରହଣ କରି ପର୍ଯ୍ୟାୟ କ୍ରମେ ମାମଲାର ଶୁଣାଣି କରି ଘଟଣା ଉପରେ ରିପୋର୍ଟ ମାଗିଥିଲେ। ହେଲେ ଗଞ୍ଜାମ ଜିଲ୍ଲା ପ୍ରଶାସନ ତରଫରୁ ରିପୋର୍ଟ ଦାଖଲରେ ବିଳମ୍ବ ହୋଇ ଚାଲିଥିଲା। ଫଳରେ ଗତ ଜୁଲାଇ ମାସରେ ଏନ୍‌ଏଚ୍‌ଆରସି ପୁଣିଥରେ ଚିଠି ଜାରି କରିଥିଲେ। ଏହାସତ୍ତ୍ୱେ ତଦନ୍ତ ରିପୋର୍ଟ, ଏଟିଆର୍ ଓ ଏଆଇଆର୍ ଦାଖଲ କରାଗଲା ନାହିଁ। ଫଳରେ ସେପଟ୍ଟେମ୍ବର ୨୧ତାରିଖରେ ହାଜର ହେବାକୁ ଏନ୍‌ଏଚ୍‌ଆସି ଗଞ୍ଜାମ ଜିଲ୍ଲାପାଳଙ୍କୁ ସର୍ତ୍ତମୂଳକ ସମନ୍ ଜାରି କରିଥିଲେ। ହେଲେ ଜିଲ୍ଲାପାଳ ଉକ୍ତ ସର୍ତ୍ତମୂଳକ ସମନକୁ ଅଣଦେଖା କରିବାରୁ ରବୀନ୍ଦ୍ର ପୁଣି ଥରେ ଏନ୍‌ଏଚ୍‌ଆରସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଆଧାର କରି ନଭେମ୍ବର ୧୦ରେ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ହାଜର ହେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ହଜାର ମୁହାଁ: ଡେଙ୍ଗୁ ପାଇଁ ପାର୍ବଣ ଆଣିପାରେ ବିପଦ




ଭୁବନେଶ୍ୱର: ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୧୦ହଜାରମୁହାଁ ହୋଇଛି। କିଛିଦିନ ପୂର୍ବରୁ ଦେ?ନିକ ଡେଙ୍ଗୁ ସଂକ୍ରମଣ ୨ଶହ ଉପରେ ରହୁଥିବା ବେଳେ ଏବେ ତାହା ୬୦କୁ ଖସି ଆସିଛି। ତେବେ ଏବେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାରୁ ଯେଉଁ ହାରରେ ଡେଙ୍ଗୁ ସଂକ୍ରମଣ ହ୍ରାସ ପାଇବା କଥା ତହିଁରେ ରୋକ୍ ଲାଗିପାରେ। ଚଳିତବର୍ଷ ଓଡ଼ିଶାରେ ଡେଙ୍ଗୁ ସଂକ୍ରମଣ ପୂର୍ବ ବର୍ଷଗୁଡ଼ିକର ସବୁ ରେକର୍ଡକୁ ଭାଙ୍ଗି ଦେଇଛି। ଯାହାକି ବିଗତ ୫ବର୍ଷ ଭିତରେ ସବୁଠାରୁ ଅଧିକ ସଂକ୍ରମଣ। ଏବେ ସୁଦ୍ଧା ରାଜ୍ୟରେ ୯୨୨୭ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଗତବର୍ଷ ଏହି ସମୟରେ ୪୫୨୦ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଅର୍ଥାତ୍ ଚଳିତବର୍ଷ ଦୁଇଗୁଣା ସଂକ୍ରମଣ ହୋଇଛି। ବିଶେଷକରି ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକ ଡେଙ୍ଗୁ କବ୍?ଜାରେ ରହିଥିଲା। ପୂର୍ବବର୍ଷ ଭଳି ଭୁବନେଶ୍ୱର ଡେଙ୍ଗୁର ହଟ୍‌ସ୍ପଟ୍ ପାଲଟିଛି। ଗତବର୍ଷ ଏହି ସମୟରେ ରାଜଧାନୀରେ ୨୩୬୯ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ, ହେଲେ ଚଳିତବର୍ଷ ଏହି ସଂଖ୍ୟା ୪୦୩୦ରେ ପହଞ୍ଚିଯାଇଛି। ଏହାବାଦ୍ ପୁରୀ ୧୦୨୩, ବାଲେଶ୍ୱର ୮୫୮, କଟକ ୭୪୦, ଜଗତସିଂହପୁର ୪୫୫, ନୟାଗଡ଼ ୩୭୮, ସୁନ୍ଦରଗଡ଼ ୩୪୬, କେନ୍ଦ୍ରାପଡ଼ା ୧୭୭, କେନ୍ଦୁଝର ୧୬୧, ଯାଜପୁରରୁ ୧୪୧ଜଣଙ୍କୁ ଚିହ୍ନଟ କରାଯାଇଛି। ଚଳିତବର୍ଷ ମଧ୍ୟ ରକ୍ତ ନମୁନା ପରୀକ୍ଷଣ ୧ଲକ୍ଷ ପାର୍ କରିଛି। ପୂର୍ବ ବର୍ଷ ତୁଳନାରେ ଲୋକମାନେ ଡେଙ୍ଗୁ ନେଇ ଅଧିକ ସଚେତନ ହୋଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ବିଶେଷଜ୍ଞଙ୍କ ମତରେ, ଆଉ କିଛିଦିନ ପରେ ପାର୍ବଣ ଋତୁ ଆରମ୍ଭ ହେଉଛି। ଏହି ସମୟରେ ବହୁ ସଂଖ୍ୟାରେ ଲୋକଙ୍କ ଯିବାଆସିବା ଲାଗି ରହିଥାଏ। ପଶ୍ଚିମବଙ୍ଗ, ଆନ୍ଧ୍ର ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ଡେଙ୍ଗୁ ସଂକ୍ରମଣ ଉଦ୍‌ବେଗଜନକ ରହିଛି। ତେଣୁ ଓଡ଼ିଶାରେ ଏହାର ପ୍ରଭାବ ଦେଖିବାକୁ ମିଳିପାରେ। ଏପିରିକି ଦୁର୍ଗା ପୂଜା ପାଇଁ ବହୁ ସଂଖ୍ୟାରେ ବଙ୍ଗାଳୀ କାରିଗର ଓଡ଼ିଶାକୁ ଆସିଛନ୍ତି। ପଶ୍ଚିମବଙ୍ଗରେ ଚଳିତବର୍ଷ ଡେଙ୍ଗୁ ସ୍ଥିତି ଭୟଙ୍କର ରହିଥିବାରୁ କାରିଗରମାନେ ଡେଙ୍ଗୁର ବାହାକ ସାଜିବାର ମଧ୍ୟ ଭୟ ରହିଛି। କିଛିମାସ ହେବ ରାଜ୍ୟରେ ଯେଉଁଭଳି ଭାବେ ଡେଙ୍ଗୁ ବୃଦ୍ଧି ପାଇଥିଲା, ଏବେ ସମାନ ଢଙ୍ଗରେ ଖସିବାର ସମୟ। ହେଲେ ପାର୍ବଣ ଋତୁ ପାଇଁ ସଂକ୍ରମଣ ପ୍ଲାଟ୍ୟୁ ସ୍ଥିତିରେ ରହିପାରେ। ଏବେ ଭୀଷଣ ଗରମ ହେଉଥିବାରୁ ଲୋକମାନେ ଘରେ ରହିଥିବା ସମୟରେ ପୋଷାକ ପିନ୍ଧିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏଡିସ୍ ମଶା କାମୁଡ଼ିବା ପାଇଁ ଏହା ସୁଯୋଗ ଆଣି ଦେଇଛି।

# ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥକୁ ଶୁଭାରମ୍ଭ କଲେ ଜିଲ୍ଲାପାଳ ଓଏସ୍‌ପି

ବଲାଙ୍ଗୀର, ୧୧/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପୁଲିସ, ୟୁନିସେଫ, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ସ୍ୱେଚ୍ଛାସେବୀ ସଂଗଠନ ଏଡ଼ଏଟଏକ୍ସନ ପକ୍ଷରୁ ଲାଠୋର ରାଧାକୃଷ୍ଣ ମନ୍ଦିର ପରିସରରେ ମିଶନ ଦାଦନ ଉଦ୍ଧାର କାର୍ଯ୍ୟକ୍ରମରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଆଜି ଏକ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ ହୋଇଅଛି। ଉକ୍ତ ଶିବିରରେ ବଲାଙ୍ଗିର ଆରକ୍ଷୀ ଅଧିକ୍ଷକ ଋଷିକେଶ ଡି ଖିଲାରୀଙ୍କ ତତ୍ୱାବଧାନରେ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠି, ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ଉପଜିଲ୍ଲାପାଳ ବିଜୟା ନନ୍ଦ ସେଠି, ଏସଡିପିଓ ଜ୍ୟୋତିର୍ମୟ ଭୁକ୍ତା, ଖପ୍ରାଖୋଲ ବିଡ଼ିଓ ଆକାଶ ରଞ୍ଜନ ସାହୁ ପ୍ରମୁଖ ମଂଚାସିନ ଥିଲେ। ଖପ୍ରାଖୋଲ ବ୍ଲକ ଅଂଚଳରୁ ହଜାର ହଜାର ସଂଖ୍ୟାରେ ଶ୍ରମିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। କାର୍ଯ୍ୟକ୍ଷେତ୍ରରେ ଦାଦନ ଶ୍ରମିକ ପରିବାରର ପୁରୁଷ, ମହିଳା, ଶିଶୁ ନିର୍ଯ୍ୟାତିତ ହେବା ସହ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ରୀତିମତ ଅଭିଯୋଗ ଆସୁଛି। ଏମିତିକି ନାବାଳକ ନାବାଳିକା ମାନଙ୍କୁ ଇଟା ଭାଟିରେ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦିଆଯାଉଛି। ଏହାକୁ ରୋକିବା ପାଇଁ ବ୍ୟାପକ ପରିମାଣରେ ସଚେତନ ହେବାର ଆବଶ୍ୟକତା ରହିଥିବା କହିଛନ୍ତି ବଲାଙ୍ଗିର ଏସପି ଶ୍ରୀ ଖିଲାରୀ। ସଚେତନତା ସଭାରେ ଉପସ୍ଥିତ ଜିଲ୍ଲାପାଳ ଚଂଚଳ ରାଣା କିଭଳି ସଚେତନ ନାଗରିକ ଏହି ଦାଦନ ପ୍ରଥା ଉପରେ ଲଗାମ ପାଇଁ ପ୍ରଶାସନକୁ ସହଯୋଗ କରିବେ, ବେଆଇନ ଶ୍ରମିକ ଚାଲାଣ ସମ୍ପର୍କରେ ପୁଲିସର ନମ୍ବରକୁ ଫୋନ କରିବେ ଏନେଇ ବ୍ୟାପକ ଅବଗତ କରିଥିଲେ। ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥକୁ ସବୁଜ ପତାକା ଦେଖାଇ ବଲାଙ୍ଗିର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ମହୋଦୟ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥଟି ଖପ୍ରାଖୋଲ ବ୍ଲକ ଅଂଚଳର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନତା କରିବା ସହ ଦାଦନ ଶ୍ରମିକର ଅଧିକାର ବିଷୟରେ ଅବଗତ କରିବ। ଏହି ସଚେତନତା ସଭାରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଲାଠୋର ଥାନାଧିକାରୀ ଝସକେତନ ଭୋଇ, ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ, ଖପ୍ରାଖୋଲ ସିଡିପିଓ ସୁଜାତା ଦୋରା, ଖପ୍ରାଖୋଲ ଏବିଇଓ ମିନିକେତନ ବରିହା, ଏସଆଇ ଦେବାର୍ଚ୍ଚନ ମିର୍ଦ୍ଧା, ଏଏସଆଇ କିସାନ, ଏଏସଆଇ ନାଗ ସମସ୍ତ ଲାଠୋର ପୋଲିସ କର୍ମଚାରୀ, ସମସ୍ତ ଅଙ୍ଗନୱାଡି କର୍ମୀ, ଏସଏଚଜି ଗ୍ରୁପର ମହିଳାମାନେ, ଏମପି ପ୍ରତିନିଧି ପ୍ରବୀଣ ଅଗ୍ରୱାଲ, ସମାଜ ସେବୀ ସୁଶୀଲ ଅଗ୍ରୱାଲ, ସମେତ ଶତାଧିକ ଜନସାଧାରଣ ଏବଂ ଶ୍ରମିକ ମାନେ ଉପସ୍ଥିତ ଥିଲେ।

# ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମରେ ସାମିଲ ହେଲେ ଶତାଧିକ ବିଜେପି କର୍ମୀ

ସାଲେପୁର, ୧୧/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ଆହ୍ୱାନକ୍ରମେ କଟକ ସଦର ବିଜେପି ପକ୍ଷରୁ ପୂର୍ବତନ ମଣ୍ଡଳ ସଭାପତି ତଥା କଟକ ଜିଲ୍ଲା ଉପସଭାପତି ରଂଜନ ନନ୍ଦଙ୍କ ନେତୃତ୍ୱରେ ଆଜି ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ଇଂ. ପ୍ରକାଶ ସେଠୀଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ସଦର ନିର୍ବାଚନ ମଣ୍ଡଳୀର ବନ୍ଧୁପୁର ପଂଚାୟତର ସାଆଁଳପୁର ଠାକୁରାଣୀଙ୍କ ପୀଠରୁ ଶୁଭାରମ୍ଭ କରାଯାଇ ଶତାଧିକ କର୍ମୀଙ୍କ ଗହଣରେ ଚାଲି ଚାଲି ପ୍ରତ୍ୟେକ ମାଆମାନଙ୍କଠାରୁ ମା' ବୃନ୍ଦାବତୀଙ୍କ ମାଟି ସଂଗ୍ରହ କରାଯାଇ ଭାବରଚାନ୍ଦସ୍ଥିତ ମା' ମଙ୍ଗଳାଙ୍କ ପୀଠସ୍ଥଳୀରେ ପହଞ୍ଚିଥିଲେ । ପ୍ରତ୍ୟେକ ଦ୍ୱାରଦେଶରୁ ଯାଉଥିବା ମାଟି ଦଳ ପାଇଁ ଏହା ଚନ୍ଦନ ସଦୃଶ ବୋଲି ଶ୍ରୀ ସେଠୀ ମତ ଦେଇଥିଲେ । ଏହି ଶୋଭାଯାତ୍ରାରେ ବନ୍ଧୁପୁର ପ୍ରମୁଖ ମହମ୍ମଦ ସ୍ୱାଇଁ, ବରିଷ୍ଠ ବିଜେପି ନେତା ଗୋକୁଳ ଚନ୍ଦ୍ର ପ୍ରଧାନ, ନାରୀନେତ୍ରୀ ପ୍ରତିଭା ଶତପଥି, କଳ୍ପନା ଲେଙ୍କା, ସୁରେଶ ସ୍ୱାଇଁ, ପୂର୍ବତନ ସରପଂଚ ନକୁଳ ଜେନା, ତପନ ଜେନା, ସୁଜାତା ନନ୍ଦ, ରାଜକିଶୋର ମହାନ୍ତି, ରବିନାରାୟଣ ଓଝା, ମିନକେତନ ମହାନ୍ତି, ଜିତେନ୍ଦ୍ର ଦାସ, ଶଙ୍କର୍ଷଣ ସେଠୀ, ରବିନ୍ଦ୍ର ପୃଷ୍ଟି, ସଂଯୁକ୍ତା ଓଝା, ରମେଶ ବେହେରା, ସୁମନ୍ତ ସ୍ୱାଇଁ, ମନୋରମା ମୁଦୁଲି, ମୁନା ମହାପାତ୍ର, ଅଜୟ ମହାନ୍ତି, ଅଭିମନ୍ୟୁ ସାହୁ, ପ୍ରତାପ ରାଉତ, ପୁନା ସ୍ୱାଇଁ, ସନ୍ତୋଷ ମହାନ୍ତି, ଗଣେଶ୍ୱର ସେଠୀଙ୍କ ସମେତ ବହୁ ବରିଷ୍ଠ କର୍ମୀମାନେ ଶୋଭାଯାତ୍ରାରେ ସାମିଲ ହୋଇ ଆଗାମୀ ଦିନରେ ବିଜେପି ଦଳର ହାତମୁଠାକୁ ଟାଣ କରିବାକୁ ସଂକଳ୍ପ ନେଇଥିଲେ । ପର୍ଯ୍ୟାୟକ୍ରମେ କଟକ ସଦର ନିର୍ବାଚନ ମଣ୍ଡଳୀର ପ୍ରତି ପଂଚାୟତରୁ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି କହିଥିଲେ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଓ କୃଷି ଯନ୍ତ୍ରପାତି କୃଷି ଯାନ୍ତ୍ରିକ ମେଳାର ପ୍ରସ୍ତୁତି ବୈଠକ

ଭବାନୀପାଟଣା, ୧୧/୧୦ (ନି.ପ୍ର): ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ବାସଗୃହ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପି.ଅନ୍ୱେଶା ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ତଥା କୃଷି ଯାନ୍ତ୍ରୀକରଣ ମେଳା ଆୟୋଜନ ପାଇଁ ଆୟୋଜକ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଥମେ ସି.ଡି.ଭି.ଓ ଡଃ ହେମନ୍ତ ପ୍ରଧାନ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଆୟୋଜନ ନିମନ୍ତେ କାର୍ଯ୍ୟ ପ୍ରସ୍ତୁତି ଯୋଜନାକୁ ପି.ପି.ଟି ମାଧ୍ୟମରେ ଦର୍ଶାଇଥିଲେ । ଗୃହିତ ପ୍ରସ୍ତାବ ଅନୁଯାୟୀ ଆସନ୍ତା ୧୭ ରୁ ୧୮ ନଭେମ୍ବର ଦୁଇଦିନ ସ୍ଥାନୀୟ କଳାହାଣ୍ଡି କୃଷି ବିଶ୍ୱବିଦ୍ୟାଳୟ ପଡିଆରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହେବ । ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ , କୁକୁଡା ଚାଷ ଓ ଅଣ୍ଡା ଉତ୍ପାଦନ , ଗୋପାଳନ ଓ ପ୍ରାଣୀସମ୍ପଦରେ ଅଧିକରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଓ ଉତ୍ପାଦନ କୁ ବଢାଇବା , ସଚେତନତା ସହ ଏଥିରେ ଜୀବିକା ନିର୍ବାହ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ରାଜ୍ୟସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଏହି ମେଳାର ଆୟୋଜନ କରୁଛି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦରେ ବିଭିନ୍ନ ସ୍କିମରେ ଅନ୍ତର୍ଭୁକ୍ତ ହୋଇଥିବା ଏବଂ ଇଚ୍ଛୁକ ଥିବା ପ୍ରାୟ ୭୦୦ ଜଣ ହିତାଧିକାରୀ ସମସ୍ତ ବ୍ଲକ ରୁ ଆସି ଏହି ମେଳା ରେ ଯୋଗ ଦେବେ । ୮ ଜଣ ଚାଷୀଙ୍କୁ ଏହି ମେଳାରେ ସମ୍ବର୍ଦ୍ଧନ କରାଯିବ । ମେଳାରେ କୃଷି , ମତ୍ସ୍ୟ , ପ୍ରାଣୀ , ଉଦ୍ୟାନ , ଶିଳ୍ପ ଓ ବିଭିନ୍ନ ବିଭାଗୀୟ ୨୫ ଟି ଷ୍ଟଲ , କଣ୍ଟ୍ରୋଲ ରୁମ , ରେଜିଷ୍ଟ୍ରସନ ରୁମ ଖୋଲିବା ସହ ବାୟୋଫ୍ଲକ ଟ୍ୟାଙ୍କ , କେଜ କଲଚର ଡେମୋ , ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଷ୍ଟଲ ଖୋଲାଯିବ ଏବଂ ଏଲ.ଇ.ଡି ସ୍କ୍ରିନ ମାଧ୍ୟମରେ ସମସ୍ତଙ୍କୁ ବିଭିନ୍ନ ସ୍କିମ ଉପରେ ସୂଚନା ଦିଆଯିବ । ଏହି ମେଳାରେ ଉନ୍ନତ କିସମର ଘୋଡା , ଗାଈ , ଛେଳି , ମେଣ୍ଢା ଓ କୁକୁଡା ପ୍ରଦର୍ଶନ କରାଯିବ । ଦୁଇ ଦିନ ଧରି ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଷୟରେ ବିଶେଷଜ୍ଞ ଦ୍ୱାରା ତାଲିମ ମଧ ଦିଆଯିବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେଭଳି କୃଷି ଯାନ୍ତ୍ରୀକ ମେଳା ଧରମଗଡ ଉପଖଣ୍ଡ ବିଜୁ କଲ୍ୟାଣ ମଣ୍ଡପ ଠାରେ ଆସନ୍ତା ୭/୧୨, ୮/୧୨ ଓ ୯/୧୨ ତିନି ଦିନ ଧରି ଏବଂ ଜିଲ୍ଲାସ୍ତରରେ ଆସନ୍ତା ୧୯/୧୨ ରୁ ୨୩/୧୨/୨୦୨୩ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବ । ଏଥିରେ ସମସ୍ତ ବ୍ଲକରୁ ଚାଷୀ ତଥା ହିତାଧିକାରୀଙ୍କୁ ନିମନ୍ତ୍ରଣ କରାଯିବ । ଗତବର୍ଷ ଭଳି କୃଷି ମହାବିଦ୍ୟାଳୟ ପଡିଆରେ ଏହି ମେଳାରେ ଚାଷୀଙ୍କୁ ସମ୍ବର୍ଦ୍ଧନା , କୃଷି ସମ୍ବନ୍ଧୀୟ ଯାନ୍ତ୍ରୀକ ଉପକରଣ ପ୍ରଦର୍ଶନ , କୃଷି ର ବିଭିନ୍ନ ସ୍କିମ ର ଷ୍ଟଲ ସହ ତାଲିମ , ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉପସ୍ଥିତ ଜିଲ୍ଲା ଆୟୋଜକ କମିଟିର ସଭ୍ୟମାନଙ୍କୁ ଜିଲ୍ଲାପାଳ ଏହି ମେଳାର ବ୍ୟାପକ ପ୍ରଚାର ପ୍ରସାର,ଏଥିରେ ଅନ୍ତର୍ଭୁକ୍ତ ଚାଷୀଙ୍କୁ ମେଳା ପୂର୍ବରୁ ସଚେତନ କରି ସୁବିଧାରେ ମେଳା ସ୍ଥଳରେ ପହଞ୍ଚାଇବା ଓ ଅଧିକରୁ ଅଧିକ ଉଦ୍‌ଯୋଗୀ , ଚାଷୀ ଓ ହିତାଧିକାରୀ ବିଭିନ୍ନ ସ୍କିମ ରେ କିପରି ସାମିଲ ହେବେ ଓ ତାଙ୍କର ଆର୍ଥିକ ଅଭିବୃଦ୍ଧି ରେ ଏହା କିଭଳି ସହାୟକ ହେବ ତାହା ଉପରେ ଦୃଷ୍ଟି ଦେବାକୁ ବିଶେଷ ଗୁରୁତ୍ୱ ଦେଲେ। ଏହି କାର୍ଯ୍ୟରେ ସମସ୍ତ ସମ୍ପୃକ୍ତ ବିଭାଗ ସହଯୋଗ କରିବାକୁ ସି ଡି ଭି ଓ ଏବଂ ସି ଡି ଏ ଓ ଅନୁରୋଧ କରିଥିଲେ। ସଭାରେ ଉପ ଜିଲ୍ଲାପାଳ, ଧର୍ମଗଡ଼,କୃଷି ବିଜ୍ଞାନ କେନ୍ଦ୍ର ର ବୈଜ୍ଞାନିକ,ନିର୍ବାହୀ ଯନ୍ତ୍ରୀ (କୃଷି), ଡି ପି ସି( ମିଶନ ଶକ୍ତି), ଡି ଆଇ ପି ଆର୍ ଓ, ଡି ଡି ଏଚ , ଏଲ୍ ଡି ଏମ, ଜି ଏମ, ଡି ଆଇ ସି,ପି ଡି ୱାଟର ସେଡ୍, ମତ୍ସ୍ୟ ଓ କୃଷି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ନିମ୍ନ ରକ୍ତ ଶର୍କରା ସମସ୍ୟା କମାଇବ ଗ୍ଳୁକୋଜ୍ ବଟିକା

ମଧୁମେହ ପୀଡ଼ିତ ବ୍ୟକ୍ତି ଯେତେବେଳେ ରକ୍ତ ଶର୍କରା ହ୍ରାସ ସମ୍ପର୍କିତ ବିପଦପୂର୍ଣ୍ଣ ସମସ୍ୟା ସାମ୍ନା, କରନ୍ତି, ଏହି ସମୟରେ ଶର୍କରାଯୁକ୍ତ ଖାଦ୍ୟ ବା ପାନୀୟ ଅପେକ୍ଷା ଗ୍ଳୁକୋଜ୍ ବଟିକା ଭଲ ବିକଳ୍ପ ହୋଇପାରେ । ଏକ ଅଧ୍ୟୟନରେ ଏହି ପ୍ରସ୍ତାବ ଦେଇଛି । ଠିକ୍ ସମୟରେ ନଖାଇଲେ, ସାଧାରଣ ଦିନ ଅପେକ୍ଷା କଠିନ ବ୍ୟାୟାମ, ମାତ୍ରାଧିକ ଇନସୁଲିନ ବା ମଧୁମେହ ସମ୍ପର୍କିତ ଅନ୍ୟ ଔଷଧ ସେବନ ଦ୍ୱାରା ମଧୁମେହ ପୀଡ଼ିତଙ୍କ ଠାରେ ରକ୍ତ ଶର୍କରା ହ୍ରାସ ଦେଖାଯାଇପାରେ । ଶରୀରର ରକ୍ତ ଶର୍କରା ହ୍ରାସ ପାଇଲେ ବ୍ୟକ୍ତି କ୍ଳାନ୍ତ ଅନୁଭବ କରେ, ଚିନ୍ତାରେ ରହେ, ହୃତ୍‌ସ୍ପନ୍ଦନ ବଢ଼ିଯାଏ, ଝାଳ ବାହାରିବା ଓ ମାନସିକ ଦ୍ୱନ୍ଦ୍ୱ ଭଳି ସମସ୍ୟା ଦେଖାଯାଏ । ଠିକ୍ ସମୟରେ ଚିକିତ୍ସା କରାନଗଲେ କୋମାକୁ ମଧ୍ୟ ଚାଲିଯିବାର ଆଶଙ୍କା ଥାଏ । ନୂଆ ଅଧ୍ୟୟନ ନିମନ୍ତେ ମେଡ଼ିକାଲ ଲିଟରେଚରରୁ ଗବେଷକମାନେ ତଥ୍ୟ ନେଇଥିଲେ, ଯାହା ଖାଦ୍ୟ ଶର୍କରାର ପ୍ରଭାବ ଓ ନିମ୍ନ ରକ୍ତ ଶର୍କରା ଲକ୍ଷଣରୁ ରକ୍ଷା




କରିଥିଲା । ଏଥିପାଇଁ ତିନିଟି ଭିନ୍ନ ଭିନ୍ନ ପରୀକ୍ଷା କରାଯାଇଥିଲା । ଏମର୍ଜେନ୍ସି ମେଡ଼ିକାଲ ଜର୍ଣ୍ଣାଲରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଅଧ୍ୟୟନରେ ବୟସ୍କ ଓ ପିଲାମାନେ ଟାଇପ-୧ କିମ୍ବା ଟାଇପ-୨ ମଧୁମେହରେ ପୀଡ଼ିତ ଥିଲେ । ୫୧୫ଜଣଙ୍କୁ ଶର୍କରା ଯୁକ୍ତ ଖାଦ୍ୟ ଦ୍ୱାରା ଚିକିତ୍ସା କରାଗଲା ଏବଂ ୨୩୨ଜଣଙ୍କୁ ଗ୍ଳୁକୋଜ ବଟିକା ଦିଆଗଲା । ୪ଟି ଅଧ୍ୟୟନରେ ଚକୋଲେଟ, କମଳାଜୁସ, ଜେଲି ବିନ୍ସ, କ୍ଷୀର, ଗ୍ଳୁକୋଜ ଜେଲ ଆଦି ବିଭିନ୍ନ ପ୍ରକାର ଶର୍କରାଯୁକ୍ତ ଖାଦ୍ୟ ବ୍ୟବହାର କରାଯାଇଥିଲା । ତେବେ ରକ୍ତ ଶର୍କରା ସ୍ତର ବଢ଼ାଇବାରେ ଗ୍ଳୁକୋଜ୍ ବଟିକା ପ୍ରଭାବଶାଳୀ ଜଣାପଡ଼ିଲା । ସମସ୍ତ ୪ଟି ଅଧ୍ୟୟନକୁ ମିଶାଇବା ପରେ ଜଣାପଡ଼ିଲା, ଗ୍ଳୁକୋଜ ବଟିକା ବ୍ୟବହାର କରିଥିବା ବ୍ୟକ୍ତି ଶୀଘ୍ର ସୁସ୍ଥ ଅନୁଭବ କରିଥିଲେ । ଅପରପକ୍ଷେ ଶର୍କରାଜାତୀୟ ଖାଦ୍ୟ ଗ୍ରହଣ କରିଥିବା ବ୍ୟକ୍ତି ୧୫ ମିନିଟ ମଧ୍ୟରେ ୧୧ପ୍ରତିଶତ କମ୍ ସୁସ୍ଥ ଅନୁଭବ କରିଥିଲେ ।

## ମୁଣ୍ଡ ବୁଲାଇଲେ...



- ସକାଳେ ସୂର୍ଯ୍ୟୋଦୟ ଆଗରୁ ଗାଧୋଇ ପୋଟଳପତ୍ର ରସରେ ମହୁ ମିଶାଇ ଖାଇବା ଉଚିତ୍ ।
- ଉଷୁମ ପାଣିରେ କାଗଜି ଲେମ୍ବୁରସ ମିଶାଇ ଖାଇବା ଦରକାର ।
- ଦୁବଘାସ ଅଗକୁ ଗୁଆଘିଅରେ ଭାଜି ଖାଇଲେ ମଧ୍ୟ ମୁଣ୍ଡ ବୁଲାଇବାରୁ ଉପଶମ ମିଳିଥାଏ ।
- କଷି ଡିମିରି ଘିଅରେ ଭାଜି ଖାଇବା ଉଚିତ୍ ।

ମିଶ୍ରି ସରବତରେ ଲେମ୍ବୁରସ ମିଶାଇ ପିଇବା ଦରକାର ।

- ଅଦାରସ, ତୁଳସୀରସ, ମହୁମିଶାଇ ଖାଇବା ଉଚିତ୍ ।

# ମୃତ୍ୟୁକୁ ନେଇ କଟକଣା



ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ନିୟମ ପ୍ରଣୟନ କରାଯାଇଛି । କେତେକ ରାଷ୍ଟ୍ରର ନାଗରିକଙ୍କୁ ଅନେକ ସ୍ୱାଧୀନତା ମିଳିଥିବା ବେଳେ ଅନ୍ୟ କେତେକ ରାଷ୍ଟ୍ରରେ ଏବେ ମଧ୍ୟ ଏକଛତ୍ରବାଦ ଶାସନର ଦୃଶ୍ୟ ପରିଲକ୍ଷିତ ହେଉଛି । ତେବେ ନରୱେର ଲାଙ୍ଗେୟେରବନ୍ ସହରର ଏକ ଅଜବ ନିୟମ ଅନ୍ୟଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । କାରଣ ନରୱେ ସରକାର ଏହି ସହରରେ






ମୃତ୍ୟୁ ପାଇଁ କଟକଣା ଜାରି କରିଛନ୍ତି । ଏଠାରେ ମରିବା ନିମନ୍ତେ ନିୟମ ନାହିଁ । ସାଧାରଣ ଲୋକଟିଏ ପାଇଁ ଏହା ନିହାତି ଏକ ଆଶ୍ଚର୍ଯ୍ୟାନ୍ୱିତ ଘଟଣା । ହେଲେ ସେଠାକାର ନାଗରିକଙ୍କ ଉପରେ ଏହି ନିୟମ କୌଣସି ପ୍ରଭାବ ପକାଇନାହିଁ । ୨ହଜାର ଲୋକସଂଖ୍ୟା ବିଶିଷ୍ଟ ଏହି ସହରରେ ପର୍ଯ୍ୟଟକ ଓ ଗବେଷକଙ୍କ ସଂଖ୍ୟା ସର୍ବାଧିକ । ସ୍ଥାନୀୟ ଲୋକଙ୍କ କହିବାନୁସାରେ ଗତ ୭୦ବର୍ଷ ମଧ୍ୟରେ ଏଠାରେ କୌଣସି ଶବକୁ କବର ଦିଆଯାଇ ନାହିଁ । ବରଫାଚ୍ଛନ୍ନ ଅଂଚଳ ଯୋଗୁଁ ଶବଗୁଡ଼ିକ ମାଟିରେ ମିଶିନଥାନ୍ତି କିମ୍ବା ନଷ୍ଟ ହୋଇନଥାନ୍ତି । କିଛିବର୍ଷ ତଳେ ବୈଜ୍ଞାନିକମାନେ ଏକ ଶବକୁ ପରୀକ୍ଷା କରିବାରୁ ସେଥିରେ ଇନଫ୍ଳୁଏନଜା ଭାଇରସ ଥିବାର ତଥ୍ୟ ମିଳିଥିଲା । ଏହିପରି ଶବଗୁଡ଼ିକ କାରଣରୁ ବିଭିନ୍ନ ରୋଗ ବ୍ୟାପିବାରୁ ନରୱେ ସରକାର ଏଠାରେ ଡେଥ୍ ପଲିସି ନିୟମ ଲାଗୁ କରିଥିଲେ । ବୟୋଜ୍ୟେଷ୍ଠ ବ୍ୟକ୍ତି କିମ୍ବା ସାଂଘାତିକ ରୋଗଗ୍ରସ୍ତ ଲୋକଙ୍କୁ ତତକ୍ଷଣାତ୍ ଏହି ସହରରୁ ବିମାନ ଯୋଗେ ନରୱେର ଅନ୍ୟ ସହରକୁ ନିଆଯାଇଥାଏ ।

# ଫାଷ୍ଟଡେଟ୍‌ରେ ବେଷ୍ଟଲୁକ୍

ଏହା ଆପଣଙ୍କ ଫାଷ୍ଟଡେଟ୍ ଏବଂ ଆପଣ ସବୁଠୁ ବେଷ୍ଟ ଲୁକ୍‌ରେ ରହିବା ଦରକାର । ପୋଷାକ ଏବଂ ଗହଣା ପସନ୍ଦ କରିବା ପରେ ପରବର୍ତ୍ତୀ କଥାକୁ ଆପଣ ଗୁରୁତ୍ୱ ଦେବେ ଏବଂ ତାହା ହେଉଛି ମେକଅପ୍ । ଯଦି ସଠିକ୍ ମେକଅପରେ ରହିପାରିବେ ତେବେ ଆପଣଙ୍କୁ ଖୁବ୍ ଆରାମ ଲାଗିବ । ତେଣୁ ଆପଣଙ୍କ ଫାଷ୍ଟ ଡେଟରେ କେମିତି ମେକଅପ୍‌ରେ ରହିବେ ସେ ବିଷୟରେ ଜାଣନ୍ତୁ ।



- ଯେଉଁ ପୋଷାକ ପିନ୍ଧୁଛନ୍ତି ସେହି ପୋଷାକର ରଙ୍ଗ ଅନୁଯାୟୀ ଆପଣ ଏକ ଗାଢ଼ ଲିପ୍ କଲର ବାଛନ୍ତୁ । ଯଦି ବ୍ରାଇଟ୍ ଲିପ୍ କଲର ଚୁଜ୍ କରିଛନ୍ତି ତେବେ ଏକ ସଫ୍ଟ କଲରର ପୋଷାକ ବାଛି ପାରିବେ । ଓଠ ଚାରିପାଖକୁ ଅଧିକ ବ୍ରାଇଟ୍ କରିବା ପାଇଁ ଏକ କନସିଲର ମଧ୍ୟ ବ୍ୟବହାର କରିବା ଭଲ ହେବ ।
- ସକିନ୍ କଲର ଉପରେ ନିର୍ଭର କରେ ଆପଣ କେମିତି ଫାଉଣ୍ଡେସନ ଚୁଜ୍ କରିବେ । ଏହାକୁ ଭଲଭାବେ ଆପ୍ଲାଏ କରନ୍ତୁ ଯାହାଦ୍ୱାରା ଆପଣଙ୍କ ତ୍ୱଚା ନ୍ୟାଚୁରାଲ ଲାଗିବ । ମୁହଁରେ ଯଦି କିଛି କଳାଦାଗ ଥାଏ ତେବେ ଏହାକୁ ଲୁଚାଇବା ପାଇଁ ଏକ କନସିଲରବ୍ୟବହାର କରନ୍ତୁ ।
- ନିଶ୍ଚିତ ହୁଅନ୍ତୁ ଯେ, ଆଇ ମେକଅପ ଆରମ୍ଭ କରିବା ପୂର୍ବରୁ ଆପଣ କନସିଲର ଆପ୍ଲାଏ କରିଛନ୍ତି । ସ୍ମୋକି ଆଖି ଏବଂ ଡାର୍କ କଲର ପାଇଁ ଆଦୌ ଚେଷ୍ଟା କରନ୍ତୁନି । ସବୁବେଳେ ନ୍ୟୁଟ୍ରାଲ ରହିଲେ ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି ହେବ ।
- ଆଇବ୍ରୋ ଅଧିକ ମୋଟା କରିବା ପାଇଁ ଏକ ବ୍ରୋ ପେନସିଲ ବ୍ୟବହାର କରନ୍ତୁ ।
- କାଜଲ ଆପ୍ଲାଏ କରିବା ପାଇଁ ଆଦୌ ଭୁଲନ୍ତୁନି । ଲାଇନର ବ୍ୟବହାର କରିପାରିବେ । ତେବେ ହିଁ ଖୁବ୍ ସତର୍କତା ସହିତ ଆପଣଙ୍କ ଲାଇନର କେତେ ମୋଟା ରଖିବେ ତାହା ଚିନ୍ତା କରିବାକୁ ପଡ଼ିବ ।
- ମେକଅପ ଅନୁଯାୟୀ ଆପଣଙ୍କ କେଶକୁ ଷ୍ଟାଇଲ କରନ୍ତୁ ।

# ଆଓକିଗାହା ଜଙ୍ଗଲ



ଜାପାନରେ ଏମିତି ଏକ ସ୍ଥାନ ରହିଛି ଯେଉଁଠିକୁ ଲୋକମାନେ କେବଳ ମରିବାକୁ ଆସନ୍ତି । କଥାଟା ଏକଦମ୍ ସତ । କିନ୍ତୁ ସେଠାକାର ଲୋକମାନେ ଏହି ସ୍ଥାନକୁ ଭାରି ପସନ୍ଦ କରନ୍ତି । ଜାପାନରେ ରହିଥିବା ଫୁଜି ପାହାଡ଼ ନିକଟରେ ସଦାବେଳେ ଦେଖିବାକୁ ମିଳିଥାଏ ଘନଅନ୍ଧକାର । ଆଓକିଗାହା ନାମରେ ଏହି ଜଙ୍ଗଲ ଖୁବ୍ ପ୍ରସିଦ୍ଧ ଏବଂ ଭାରି ଭୟଙ୍କର ମଧ୍ୟ । ଜାପାନ ସରକାରଙ୍କ ପକ୍ଷରୁ ଏହି ଜଙ୍ଗଲକୁ ଯିବାକୁ ବାରଣ କରାଯାଇଥିଲେ ହେଁ କେହି ମାନନ୍ତି ନାହିଁ । ଏମିତିକି ଫଟୋଗ୍ରାଫର୍‌ଙ୍କୁ ମଧ୍ୟ ଏହି ସ୍ଥାନକୁ ଯିବା ମନା । ତଥାପି ପ୍ରତିବର୍ଷ ଏଠାକୁ ବହୁଲୋକ ଆସିଥାନ୍ତି ଏବଂ ୧୨ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥାନ୍ତି । ଏହି ଜଙ୍ଗଲରେ ନତାଲି ଡୋର୍ମର ନାମକ ଜଣେ ପ୍ରଶିକ୍ଷିତ ମହିଳା ହଜିଯାଇଥିବା ଏକ ଝିଅକୁ ଖୋଜିବାକୁ ଯାଇଥିଲେ । ସେ ତାଙ୍କର ଅନୁଭୂତିକୁ ସେୟାର କରିବା ସହିତ କହିଛନ୍ତି ଏହା ଏକ ସବୁଠୁ ଖରାପ ସ୍ଥାନ । ସେ ପ୍ରଥମେ ଯେତେବେଳେ ଝିଅଟିକୁ ଖୋଜିବାକୁ ଜଙ୍ଗଲରେ ପାଦ ଦେଲେ ତାଙ୍କ ଡ୍ରାଇଭର ଆଗକୁ ଯାଇପାରି ନ ଥିଲେ । ତାଙ୍କୁ କିଛି ଗଛର ଫଟୋ ନେବାର ଥିଲା । ତାଙ୍କୁ ଲାଗିଲା ଯେମିତି ମାଟି ଉପରକୁ ଉଠିଉଠି ଯାଉଛି । ନତାଲି କୁହନ୍ତି ୧୬ ବର୍ଷ ବର୍ଗମାଇଲ୍ ପରିବ୍ୟାପ୍ତ ଏହି ଜଙ୍ଗଲକୁ ଆଉ ଏକ ଦୁନିଆ ବୋଲି କୁହାଯାଇଥାଏ । ଏଠାରେ ୨୦୧୦ରେ ୪୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ । ଯାହା ଅନ୍ୟ ବର୍ଷ ତୁଳନାରେ ସବୁଠୁ ଅଧିକ । ପ୍ରଶାସନର ତାଗିଦା ଯୋଗୁଁ ଏହି ସଂଖ୍ୟା ତା' ପରଠୁ କମିଗଲାଣି । ଏହି ଜଙ୍ଗଲରେ ଆତ୍ମହତ୍ୟା ପ୍ରବୃତ୍ତି ଅଧିକ ରହିଥିବାରୁ ଏଠାକୁ ଆସୁଥିବା ଲୋମାନେ ଆତ୍ମହତ୍ୟା ପାଇଁ ଆଗଭର ହୋଇଥାନ୍ତି । ସାରା ବିଶ୍ୱରେ ଜାପାନରେ ଆତ୍ମହତ୍ୟା ପ୍ରବୃତ୍ତି ସର୍ବାଧିକ ।

# ମାଟିହାଣ୍ଡି କମ୍ପୋଷ୍ଟ

ମାଟିହାଣ୍ଡିରେ ପ୍ରସ୍ତୁତ କମ୍ପୋଷ୍ଟକୁ ପନିପରିବା ଏବଂ ଘରେ ଲଗାଉଥିବା ଗଛ ପାଇଁ ଅତ୍ୟନ୍ତ ଉପଯୋଗୀ ତରଳ ସାର ଭାବେ ବିବେଚିତ ହେଉଛି । ଯେଉଁମାନେ ଉଚ୍ଚମାନର ପନିପରବା, ଫୁଲ ଆଦି ଉତ୍ପାଦନ କରିବାକୁ ଚାହାନ୍ତି ସେମାନଙ୍କ ପାଇଁ ମଟିହାଣ୍ଡି କମ୍ପୋଷ୍ଟ ସୁବର୍ଣ୍ଣ ସାର ଭାବେ ବିବେଚିତ ହେଉଛି । ଏହି ତରଳ ସାର ପ୍ରସ୍ତୁତ କରିବା ଅତି ସହଜ । ପନିପରିବା, ଓ ଫୁଲ ଗଛ ପାଇଁ ଜୈବ ପରିପୋଷକ ଭାବେ ବ୍ୟବହାର କରାଯାଉଛି ।



ଆବଶ୍ୟକୀୟ ଜିନିଷ ମାଟିହାଣ୍ଡି (୧୫ଲିଟର), ଗୋବର (୫କେଜି), ଗୋମୁତ୍ର(୨.୫ଲିଟର), ପାଣି (୫ଲିଟର), ଆଖୁ ଖଦା(୨୫୦ଗ୍ରାମ), କୁକୁଡ଼ା ଦାନା (୩୦୦ଗ୍ରାମ) ପଲିଥିନ ଓ ରଶି ଦଉଡ଼ି ଏଥିପାଇଁ ଆବଶ୍ୟକ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାଣି, ଗୋବର, ଗୋମୁତ୍ରକୁ ଭଲଭାବେ ଗୋଟିଏ ପାତ୍ରରେ ରଖି ଘାଂଟି ବହଳିଆ କରନ୍ତୁ । ତାପରେ ଅନ୍ୟ ଏକ ପାତ୍ରରେ ଆଖୁ ଖଡ଼ା ଓ କୁକୁଡ଼ା ଦାନା ମିଶାଇ ପଲିଥିନରେ ବାନ୍ଧି ଦିଅନ୍ତୁ ।

# ବାସନମଜା ସ୍ପଞ୍ଜ୍‌ରେ ଭରିରହିଛି ବ୍ୟାକ୍ଟେରିଆ

ଅଇଁଠାବାସନ ସଫା କରିବା ପାଇଁ ବ୍ୟବହାର ହେଉଥିବା ବାସନ ମଜା ସ୍ପଞ୍ଜଗୁଡ଼ିକ ବ୍ୟାକ୍ଟେରିଆରେ ପରିପୂର୍ଣ୍ଣ । ଜର୍ମାନୀର ବୈଜ୍ଞାନିକମାନେ ରୋଷେଇ ଘରେ ବ୍ୟବହାର ହେଉଥିବା ଏହି ବାସନମଜା ସ୍ପଞ୍ଜରୁ ମିଳୁଥିବା ସୂକ୍ଷ୍ମଜୀବଙ୍କ ଡିଏନଏର ଅଧ୍ୟୟନ କରି ଜାଣିବାକୁ ପାଇଛନ୍ତି, ଏଥିରେ ମୋରାକ୍ସେଲା ଅସ୍ଲୋଏନ୍ସିସ ଭଳି ବ୍ୟାକ୍ଟେରିଆ ଭର୍ତ୍ତି ହୋଇ ରହିଥାନ୍ତି, ଯାହା ରୋଗ ପ୍ରତିରୋଧକ କ୍ଷମତା କମ୍ ଥିବା ଲୋକଙ୍କ ଠାରେ ସହଜରେ ସଂକ୍ରମଣ କରାଇଥାଏ । ଅପରିଷ୍କାର କପଡ଼ାରୁ ଆସୁଥିବା ଦୁର୍ଗନ୍ଧ ପଛରେ ମଧ୍ୟ ଏହି ଜୀବାଣୁ ରହିଥିବା ଜାଣିବାକୁ ପାଇଛନ୍ତି ବୈଜ୍ଞାନିକ । ମାଇକ୍ରୋବାୟୋଲୋଜି ପ୍ରଫେସର ମାସିମିଲାନୋ କାର୍ଡ଼ିନାଲ କହିଛନ୍ତି ରୋଷେଇ ଘରେ ବ୍ୟବହାର ହେଉଥିବା ସ୍ପଞ୍ଜ୍‌ରେ ଅନେକ ପ୍ରକାରର ବ୍ୟାକ୍ଟେରିଆ ରହିଥାନ୍ତି । ବାରମ୍ବାର ବ୍ୟବହାର ହେଉଥିବା ଏହି ସ୍ପଞ୍ଜ୍‌ର ବ୍ୟାକ୍ଟେରିଆ ସହଜରେ ବୃଦ୍ଧି ପାଆନ୍ତି । ସ୍ପଞ୍ଜକୁ ବାରମ୍ବାର ସାବୁନରେ ସଫା କଲେ ମଧ୍ୟ ସେଥିର ଜୀବାଣୁ ମରିନଥାନ୍ତି । ବରଂ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ସ୍ପଞ୍ଜ୍‌କୁ ସାବୁନରେ ସଫା କଲେବରଂ ଏକ ସ୍ୱତନ୍ତ୍ର ଧରଣର ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି । ଗବେଷକମାନେ ମାଇକ୍ରୋସ୍କୋପ ତଳେ ସ୍ପଞ୍ଜ୍‌କୁ ଦେଖି ଜାଣିବାକୁ ପାଇଥିଲେ ଏକ କ୍ୟୁବିକ ସେଣ୍ଟିମିଟର ସ୍ପଞ୍ଜରେ ସେତିକି ବ୍ୟାକ୍ଟେରିଆ ଥାନ୍ତି, ଯେତିକି ମଳରେ ରହିଥାଏ । କିନ୍ତୁ ବିପଦଜନକ କଥା ହେଉଛି ଏହି ସ୍ପଞ୍ଜ୍‌କୁ ମାଇକ୍ରୋୱେଭରେ ରଖନ୍ତୁ ବା ଗରମ ପାଣିରେ ଫୁଟାନ୍ତୁ ଏଥିରୁ ଜୀବାଣୁ ମରନ୍ତି ନାହିଁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କ୍ଷେତ୍ର ପ୍ରସ୍ତୁତି ଶେଷ...

ଗଣତନ୍ତ୍ରର ଏକ ବଡ଼ ପର୍ବ ଭାବରେ ପାଳିତ ହୋଇଥାଏ ନିର୍ବାଚନ, ଅନ୍ତତଃପକ୍ଷେ ଭାରତରେ । ୨୦୨୪ ଗ୍ରୀଷ୍ମ ଋତୁରେ ଭାରତ ଜାତୀୟ ନିର୍ବାଚନରେ ଅବତୀର୍ଣ୍ଣ ହେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ଅନୁଷ୍ଠିତ ହେବାକୁ ଥିବା ପାଞ୍ଚଗୋଟି ରାଜ୍ୟର ବିଧାନସଭା ନିର୍ବାଚନ ନିମନ୍ତେ ସବୁ ଉତ୍କଣ୍ଠା, ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଗତ ସୋମବାର ଦିନ ଘୋଷଣା କରିଛନ୍ତି ୨୦୨୩ର ସର୍ବବୃହତ୍ ନିର୍ବାଚନୀ ସଂଗ୍ରାମର କାର୍ଯ୍ୟସୂଚୀ । ନିର୍ବାଚନ ମଇଦାନରେ ଅବତୀର୍ଥ ହେବାକୁ ଯାଉଥିବା ପାଞ୍ଚଟିଯାକ ରାଜ୍ୟ ହେଉଛନ୍ତି- ରାଜସ୍ଥାନ, ଛତିଶଗଡ଼, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଏବଂ ମିଜୋରାମ । ଏ ସବୁଯାକରେ ନିର୍ବାଚନ ଅନୁଷ୍ଠିତ ହେବ ନଭେମ୍ବର ୭ ତାରିଖରୁ ୩୦ ତାରିଖ ଭିତରେ। ଫଳାଫଳ ଘୋଷଣା ହେବ ଡିସେମ୍ବର ୩ ତାରିଖରେ। ତେବେ ଏଥି ମଧ୍ୟରୁ ସୁରକ୍ଷା କାରଣରୁ ଛତିଶଗଡ଼ରେ ମତଦାନ ଅନୁଷ୍ଠିତ ହେବ ଦୁଇଗୋଟି ପର୍ଯ୍ୟାୟରେ- ନଭେମ୍ବର ୭ ତାରିଖରେ ପ୍ରଥମ ପର୍ଯ୍ୟାୟ ଏବଂ ସେହି ମାସ ୧୭ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଓ ଅନ୍ୟ ଚାରିଗୋଟିଯାକ ରାଜ୍ୟରେ ମତଦାନ ଗୋଟିଏ ଲେଖାଏଁ ପର୍ଯ୍ୟାୟରେ ଅନୁଷ୍ଠିତ ହେବ- ମିଜୋରାମ (ନଭେମ୍ବର ୭ ତାରିଖ), ମଧ୍ୟପ୍ରଦେଶ (ନଭେମ୍ବର ୧୭ ତାରିଖ), ରାଜସ୍ଥାନ (ନଭେମ୍ବର ୨୩ ତାରିଖ), ଏବଂ ତେଲେଙ୍ଗାନାରେ ନଭେମ୍ବର ୩୦ ତାରିଖରେ । ମତ ଗଣନା ଏବଂ ଫଳାଫଳ ଘୋଷଣା କରାଯିବ ଡିସେମ୍ବର ୩ ତାରିଖରେ ଏବଂ ସବୁଯାକ ପ୍ରକ୍ରିୟାର ପରିସମାପ୍ତି ଘଟିବ ଡିସେମ୍ବର ୫ ତାରିଖରେ, ଯଦିଓ ଏଥି ମଧ୍ୟରୁ କେତେକ ରାଜ୍ୟର ବିଧାନସଭାର କାର୍ଯ୍ୟକାଳ ଆସନ୍ତା ବର୍ଷ ଜାନୁଆରୀ ମାସରେ ଶେଷ ହେବାକୁ ଯାଉଛି । ରାଜ୍ୟମାନଙ୍କର ଏହି ନିର୍ବାଚନ ହେଉଛି ଏକ ଦୌଡ଼ ଯାହାର ଆରମ୍ଭ ହୋଇଛି ୨୦୨୨ର ଉତ୍ତରାର୍ଦ୍ଧରେ ଅନୁଷ୍ଠିତ ହିମାଚଳ ପ୍ରଦେଶ ଏବଂ ଗୁଜରାଟ ନିର୍ବାଚନରୁ- କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଲଗାତର ଦ୍ୱିତୀୟ ଥର ପାଇଁ ଶାସନ କ୍ଷମତାକୁ ଆସିବାର ସାଢ଼େ ତିନି ବର୍ଷ ପରେ । ସମ୍ପ୍ରତି ଏନ୍‌ଡିଏ ବିଗତ ପାଞ୍ଚ ଦଶନ୍ଧି ଭିତରେ କେନ୍ଦ୍ରରେ କୌଣସି ସରକାର ହାସଲ କରି ପାରି ନଥିବା ତୃତୀୟ ଥର ପାଇଁ ଶାସନ କ୍ଷମତାକୁ ଆସିବା ଉପରେ ଦୃଷ୍ଟି ନିବଦ୍ଧ କରିଛି। ଏକଥା ବର୍ତ୍ତମାନ ସମସ୍ତେ ଉତ୍ତମ ରୂପେ ଜାଣନ୍ତି ଯେ ରାଜ୍ୟସ୍ତରୀୟ ଏବଂ ଜାତୀୟସ୍ତରୀୟ ନିର୍ବାଚନରେ ଲୋକମାନେ ଭିନ୍ନ ଭିନ୍ନ ପ୍ରକାରର ମତଦାନ କରିଥାନ୍ତି । ଉଦାହରଣ ସ୍ୱରୂପ, ୨୦୧୮ରେ କଂଗ୍ରେସ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ ବିଧାନସଭା ନିର୍ବାଚନରେ ବିଜୟ ଲାଭ କରି ସମ୍ପୃକ୍ତ ରାଜ୍ୟମାନଙ୍କରେ ସରକାର ଗଠନ କରିଥିଲା, କିନ୍ତୁ କ୍ଷମତାକୁ ଆସିବାର ମାତ୍ର ଛଅ ମାସ ପରେ ଜାତୀୟସ୍ତରୀୟ ନିର୍ବାଚନରେ ବିଜେପି, ଯାହା ତିନିଗୋଟିଯାକ ନିର୍ବାଚନରେ ପରାଜୟ ବରଣ କରିଥିଲା, ତାହା ତିନିଗୋଟିଯାକ ରାଜ୍ୟର ମୋଟ ଲୋକସଭା ଆସନ ୬୫ଟିରୁ ୬୨ଟିରେ ବିଜୟ ଲାଭ କରିଥିଲା । ତେବେ, ଆଗାମୀ ନିର୍ବାଚନଗୁଡ଼ିକର ଏହା ଅପେକ୍ଷା ଆହୁରି ଅନେକଗୁଡ଼ିଏ ମଜାଦାର ଦିଗମାନ ରହିଛି। ପ୍ରଥମଟି ହେଉଛି, ଜାତିଗତ ଜନଗଣନା। ତଫସିଲଭୁକ୍ତ ଜାତି (ଏସ୍‌ସି) ଓ ଜନଜାତି (ଏସ୍ )ମାନଙ୍କ ନିର୍ବିଶେଷରେ ନିର୍ମାଣ କରିଥିବା ହିନ୍ଦୁ ମେଣ୍ଟର ଇନ୍ଦ୍ରଧନୁକୁ ଭଙ୍ଗ କରିବାର ଏକ ଉପାୟ ଭାବରେ ଦେଖୁଛନ୍ତି। ଦ୍ୱିତୀୟରେ, ଆଞ୍ଚଳିକ ସ୍ତରରେ, ଏହି ନିର୍ବାଚନଗୁଡ଼ିକ ଦର୍ଶାଇବ ଯେ ତେଲେଙ୍ଗାନାରେ କଂଗ୍ରେସ ଏହାର ପୁନରୁଦ୍ଧାରକୁ ପ୍ରଦର୍ଶିତ କରାଇ ପାରୁଛି କି ନାହିଁ, ଯେଉଁଠି ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) କ୍ଷମତାରେ ରହିଛି ; ଏବଂ ମଣିପୁର ସଂକଟର ମିଜୋରାମ ଉପରେ କିଛି ପ୍ରଭାବ ରହିଛି କି ନାହିଁ, ଯେଉଁଠି ମିଜୋ ଜାତୀୟ ସାମ୍ମୁଖ୍ୟ (ଏସ୍‌ଏନ୍‌ଏଫ୍), ଯାହା ଏନ୍‌ଡିଏର ଅଂଶୀଦାର, କ୍ଷମତାରେ ରହିଛି । ମଣିପୁରରେ ବିଜେପି ସରକାର ଶାସନ କ୍ଷମତାରେ ରହିଛି । ତୃତୀୟତଃ, ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ପାଞ୍ଚଟି ରାଜ୍ୟ ମଧ୍ୟରୁ କଂଗ୍ରେସ ଦୁଇଟି ରାଜ୍ୟରେ ବର୍ତ୍ତମାନ କ୍ଷମତାରେ ଥିବାରୁ ଏବଂ ଅନ୍ୟ ତିନୋଟିରେ ମୁଖ୍ୟ ବିରୋଧୀ ଦଳ ଭାବରେ ରହିଥିବାରୁ, ବିଧାନସଭା ନିର୍ବାଚନଗୁଡ଼ିକରେ ଏହାର ପ୍ରଦର୍ଶନ ନିକଟରେ ବିରୋଧୀ ଦଳମାନଙ୍କ ଦ୍ୱାରା ଗଠିତ 'ଇଣ୍ଡିଆ' (ଆଇଏସ୍‌ଡିଆଇଏ) ମେଣ୍ଟ ଉପରେ ଏକ ଗଭୀର ପ୍ରଭାବ ପକାଇବ । ଏଣୁ, କୁହାଯାଇପାରେ ଯେ ମଞ୍ଚ ପ୍ରସ୍ତୁତ ହୋଇ ସାରିଛି, ଏବେ କେବଳ କଳାକାରମାନଙ୍କ ପ୍ରଦର୍ଶନ ଦେଖିବା ସହିତ ଆଶା କରାଯିବ ଯେ ଭୋଟରମାନେ ଅଧିକରୁ ଅଧିକ ସଂଖ୍ୟାରେ ସେମାନଙ୍କର ମତଦାନ କରି ଗଣତାନ୍ତ୍ରିକ ସଂଗ୍ରାମରେ ଯୋଗ୍ୟ କଳାକାର ଅର୍ଥାତ୍ ନେତାମାନଙ୍କୁ ବାଛିବେ ।

## ସାରା ବିଶ୍ୱରେ ନଲାଗୁ ନିଆଁ !

### ପ୍ରଦୋଷ କୁମାର ଦାସ



ପାଲେଷ୍ଟାଇନ ସମର୍ଥିତ ଆତଙ୍କବାଦୀ ସଂଗଠନ ହମାସ ପକ୍ଷରୁ ଚଳିତ ମାସ ଅକ୍ଟୋବର ୭ ତାରିଖ ରାତିରେ ଅତର୍କିତ ତଥା ଅବିଶ୍ୱାସନୀୟ ଆକ୍ରମଣ ଇସ୍ରାଏଲକୁ ହତଚକିତ କରିଦେଇ ଅପେକ୍ଷାକୃତ ଛୋଟିଆ ରାଷ୍ଟ୍ର 'ଗାଜା' ଉପତ୍ୟକାରୁ ହଜାର ସହସ୍ରଖ୍ୟାରେ ରକେଟ ଓ କ୍ଷେପଣାସ୍ତ୍ର ମାଡ଼ କରି ଆତଙ୍କର ବାତାବରଣ ସୃଷ୍ଟି କରିଦେଇଥିଲା। କେବଳ ସେତିକି ନୁହେଁ, ଆସ୍ପର୍ଦ୍ଧିତ 'ହମାସ' ଆତଙ୍କବାଦୀ ଗୋଷ୍ଠୀ ଇସ୍ରାଏଲ ମଧ୍ୟରେ ଅନୁପ୍ରବେଶ କରିବା ସହ ଦେଶର ବହୁ ଯୁବକ, ନିରୀହ ମହିଳା ଓ ଶିଶୁ ମାନଙ୍କୁ ପଣବନ୍ଦୀ କରିନେବା ସହ ଅଜଣା ସ୍ଥାନକୁ ନେଇଯାଇଛନ୍ତି। ସହରର ବିଭିନ୍ନ ସ୍ଥାନରେ ରକ୍ତପାତ ଓ ନରସଂହାର କରିବାକୁ ସେମାନେ ପଛେଇ ନାହାନ୍ତି। ଏହାର ଜବାବରେ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦେଶ ଇସ୍ରାଏଲ ରକ୍ତମୁଖା ହୋଇ ଗାଜା ଉପତ୍ୟକା ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛି। ହମାସ ଆତଙ୍କବାଦୀଙ୍କୁ ନିଲାମ କରି ସଂପୂର୍ଣ୍ଣ ଗାଥା ଉପତ୍ୟକାକୁ ଦଖଲକୁ ନେବାର ପଣରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଇସ୍ରାଏଲ ଧ୍ୱଂସର ଲୀଳା ଚଳାଇଛି। ଗାଜାର ଚାରିପଟୁ ଶଣ୍ଢଆସି ଆକ୍ରମଣ କରି ଏହାକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବା ଯୋଜନାରେ ରହିଛି ରକ୍ତମୁଖା ଇସ୍ରାଏଲ । ଗାଜା ଅଞ୍ଚଳକୁ ଦଖଲ କରି ଏଠାରେ ହମାସ ଗୋଷ୍ଠୀଙ୍କୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିବା ପଣରେ ଏଠାକୁ ପାନୀୟ ଜଳ, ଔଷଧ, ଜରୁରୀ ସହାୟତା ଯୋଗାଣ ବନ୍ଦ କରିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେନଜାମିନ ନେତାନ୍ୟୁହୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଯୁଦ୍ଧ ବିଧ୍ୱସ୍ତ ଗାଜା ଷ୍ଟ୍ରିପର ଜନସାଧାରଣ ଜୀବନ ମରଣ ଦଶା ଭୋଗିଚାଲିଥିବାବେଳେ ଯୁଦ୍ଧ ଖୋର ହମାସ ଗୋଷ୍ଠୀ ମଧ ଇସ୍ରାଏଲକୁ ଟକ୍କର ଦେଇ ଚାଲିଛନ୍ତି। ପାଲେଷ୍ଟାଇନ ଅଞ୍ଚଳକୁ ଇସ୍ରାଏଲ ଜବରଦଖଲ କରି ରଖିଥିବା ଅଭିଯୋଗରେ ଯୁଦ୍ଧଖୋର ଆତଙ୍କବାଦୀ ଗୋଷ୍ଠୀ 'ହମାସ ଆଗକୁ ଇସ୍ରାଏଲ ସହ ଏକ ଲମ୍ବା ଯୁଦ୍ଧରେ ଲିପ୍ତ ରହିବାକୁ ପ୍ରସ୍ତୁତ ରହିଛି ବୋଲି ମଧ ଚେତାବନୀ ଦେଇଛି। ହମାସ ଓ ଇସ୍ରାଏଲ ଯୁଦ୍ଧରେ ହଜାର ହଜାର ସହସ୍ରଖ୍ୟାରେ ନିରୀହ ଜନସାଧାରଣ ମୃତ୍ୟୁ ବରଣ କରୁଥିବା ବେଳେ ଗାଜା ଧ୍ୱଂସ ମୁଖୀ ହେବାକୁ ବସିଲାଣି। ଏଥିରେ ଉଭୟ ପକ୍ଷରୁ ଅନେକ ମୃତାହତ ହେବା ସହ ରକେଟ୍ ଓ ବୋମାମାଡରେ ବହୁ କୋଠା ଅଟ୍ଟାଳିକା, ଦୋକାନ ବଜାର, କାର୍ଯ୍ୟାଳୟ, ରାସ୍ତା ଘାଟ, ପୋଲ, ଜଳ ଉତ୍ସ, ଡାକ୍ତର କାମନା ଆଦି ଧ୍ୱଂସ ହୋଇଗଲାଣି। ଏହା ଆଗକୁ ବଢିବାର ସମ୍ଭାବନା ରହିଛି। ଏଣୁ ଏହି ଯୁଦ୍ଧରେ ଲିପ୍ତ ଉଭୟ ଗୋଷ୍ଠୀ ଓ ସମର୍ଥକ ଦେଶର ସୁରକ୍ଷା ଓ ସ୍ଥିରତା ପ୍ରଭାବିତ ହେବାର ଆଶଙ୍କା ରହିଛି।

ଏହି ସଂଗୀନ ପରିସ୍ଥିତିରେ ଇସ୍ରାଏଲ ଓ ପାଲେଷ୍ଟାଇନ ସମର୍ଥିତ ହମାସ ଗୋଷ୍ଠୀ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ବିଶ୍ୱ ଏବେ ଦୁଇ ଭାଗରେ ବିଭକ୍ତ ହେବାକୁ ଯାଉଛି। ଏହି ଅବସରରେ ଆମେରିକା ଇସ୍ରାଏଲକୁ ସମର୍ଥନ କରି ତତକ୍ଷଣାତ୍ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଓ ସବ ମେରାଇନ ପଠାଇବାକୁ କୁଣ୍ଠାବୋଧ କରିନାହିଁ। ଉଲ୍ଲେଖଯୋଗ୍ୟ, ପ୍ରାଥମିକ ପର୍ଯ୍ୟାୟରେ ଆମେରିକା ୮ ଶହ କୋଟି ଡ଼ଲାର ସହାୟତା ଇସ୍ରାଏଲକୁ ଦେବାକୁ ଘୋଷଣା କରିଛି। ଏଥିସହିତ ଇସ୍ରାଏଲ ଯୁଦ୍ଧ ପରିପ୍ରେକ୍ଷୀରେ ସାମରିକ ବିଜୟ ଲକ୍ଷ୍ୟ ହାସଲ କରିବା ପାଇଁ ସେ ନିଜର ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ବିମାନବାହୀ ଯୁଦ୍ଧ ଜାହାଜ ୟୁ ଏସ୍ ଏସ୍ ଜେରାଲ୍ଡ ଆର ଫୋର୍ଡକୁ ପୂର୍ବ ଭୂମଧ୍ୟ ସାଗରକୁ ମଧ ପଠାଇଛି ବିଶ୍ୱରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ବିରୋଧ କରିବା ନୀତିରେ ଭାରତର ବନ୍ଧୁ ବୋଲି ଭାରତ ସରକାରଙ୍କ ପକ୍ଷରୁ ଇସ୍ରାଏଲ ଯୁଦ୍ଧ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପକ୍ଷରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେନଜାମିନ ନେତାନ୍ୟୁହୁଙ୍କୁ ମଧ ନୈତିକ ସମର୍ଥନ ଯୋଗାଇବାକୁ ଆଗଭର ହୋଇଛି। ଏ ମଧ୍ୟରେ ଇସ୍ରାଏଲ ସପକ୍ଷରେ ଭାରତ, ଆମେରିକା ସମେତ ବ୍ରିଟେନ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ପୋଲାଣ୍ଡ, କାନାଡ଼ା, ସ୍ପେନ, ଇୟୁରୋପୀୟ ୟୁନିଅନ, ଜର୍ମାନୀ ଆଦି ଦେଶ ସମର୍ଥନ ଜଣାଇଥିବା ଜଣାଯାଇଛି। ସେହିପରି 'ହମାସ' ଗୋଷ୍ଠୀଙ୍କ ସପକ୍ଷରେ ଅନେକ ଇସଲାମୀୟ ରାଷ୍ଟ୍ର ଯଥା କାତାର, ଇରାନ, ଲେବାନନ, ୟେମେନ, ଦକ୍ଷିଣ ଆଫ୍ରିକା ସମେତ ଅନ୍ୟାନ୍ୟ ମଧ ପ୍ରାଚ୍ୟ ରାଷ୍ଟ୍ରଙ୍କ ସହିତ ଆହୁରି ଅନେକ ଆମେରିକା ବିରୋଧି ରାଷ୍ଟ୍ର ପଶ୍ଚାତପଦରେ ରହି ନିଜର ସମର୍ଥନ ଜଣାଇ ଅଯଥା ଶୁକୁଟ ଦେଖିବାକୁ ଲାଗିଛନ୍ତି। ଏହା ବିଶ୍ୱ ଶାନ୍ତି ବ୍ୟାହତ ହେବା ନେଇ ଆଶଙ୍କା ସୃଷ୍ଟି କରୁଛି।

ଏହି ଅବସରରେ ଏତିକି କୁହାଯାଇପାରେ, ଯୁଦ୍ଧରେ ଲିପ୍ତ ରାଷ୍ଟ୍ର ମାନେ ବୁଝିବା ଉଚିତ ଯେ, ଯୁଦ୍ଧ କୌଣସି ଶାନ୍ତିର ସମାଧାନର ବାଟ ନୁହେଁ, ବରଂ ଏହା ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଏକ ଅଜଣା ଆତଙ୍କ ତଥା ଅଶାନ୍ତିର ବିଜୁ ବପନ କରୁଛି। ଯୁଦ୍ଧ ବିଧ୍ୱସ୍ତ ରାଷ୍ଟ୍ରର ନିରୀହ ମାନବୀୟ ସମସ୍ୟାକୁ ହୃଦୟଙ୍ଗମ କରିବା ନିମନ୍ତେ କୁଟନୈତିକ ସ୍ତରରେ ପ୍ରୟାସ ହେବା ଜରୁରୀ। ଏଥିରେ ବିଶ୍ୱର ବଡ଼ ରାଷ୍ଟ୍ର ମାନେ ନିର୍ବିକାର ଚିତ୍ତରେ ଆଗେଇ ଆସିବା ଜରୁରୀ।

ହେଲେ ଦୁର୍ଭାଗ୍ୟର ବିଷୟ, ସାଂପ୍ରତିକ ସମୟରେ ଯୁଦ୍ଧ ପରିପ୍ରେକ୍ଷୀରେ ଯୁଦ୍ଧାସ୍ତ୍ରର ବାଣିଜ୍ୟିକ କାରବାର ଏକ ବଡ଼ ବ୍ୟବସାୟିକ ପନ୍ଥା ଅଟେ। ଏଥିରେ ଯୁଦ୍ଧାସ୍ତ୍ର ଉତ୍ପାଦନ କରୁଥିବା ଅପରିଣାମଦର୍ଶୀ ରାଷ୍ଟ୍ରମାନେ ଶତପ୍ରତିଶତ ଉତ୍ତରଦାୟୀ ଅଟନ୍ତି।

ସୂଚନାଯୋଗ୍ୟ, ଯୁଦ୍ଧ ଦ୍ୱାରା ଆମେରିକା, ଋଷିଆ ଓ ଚୀନ୍ ଭଳି ଦେଶଙ୍କ ସହିତ ଫ୍ରାନ୍ସ, ବ୍ରିଟେନ, ଯେଉଁ ମାନେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ବାକ୍ୟବୀର ଅଟନ୍ତି, ସେହି ରାଷ୍ଟ୍ରମାନେ ନିଜ ନିଜ ଉତ୍ପାଦିତ ଅସ୍ତ୍ର ଶସ୍ତ୍ରର ଆବଶ୍ୟକ ପରୀକ୍ଷା ନୀରିକ୍ଷା ସମେତ ଏହାର ବାଣିଜ୍ୟିକ କାରବାର କରି ମୁନାଫା କମାଇବାକୁ ତତ୍ପର ରହିଥାନ୍ତି। ଆନ୍ତର୍ଜାତିକ ସ୍ତରରେ 'ଷ୍ଟକହୋମ ଇଣ୍ଟରନାସନାଲ ପିସ୍ ରିସର୍ଚ୍ଚ ଇନିଷ୍ଟିଚ୍ୟୁଟ ( ସିପ୍ରି) ନାମକ ଏକ ସଂସ୍ଥାର ନିକଟରେ (ମାର୍ଚ୍ଚ, ୨୦୨୩) ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଜଣାପଡିଛି, ଗତ ୨୦୧୩ ମସିହାରୁ ୨୦୧୭ ମସିହା ମଧ୍ୟରେ ଅସ୍ତ୍ର ଶସ୍ତ୍ର ତଥା ପ୍ରତିରକ୍ଷା ସାମଗ୍ରୀ ବ୍ୟବସାୟରେ ସାରା ବିଶ୍ୱରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ଆମେରିକା ଏହି ବ୍ୟବସାୟରେ ୧୪ ପ୍ରତିଶତ ବୃଦ୍ଧି ଘଟାଇଥିବା ବେଳେ ଗତ ୨୦୧୮ ମସିହାରୁ ୨୦୨୨ ମସିହା ମଧ୍ୟରେ ଏହି ବ୍ୟବସାୟରେ ୪୦ ପ୍ରତିଶତକୁ ଅଭିବୃଦ୍ଧି ଘଟାଇ ପାରିଛି। ସାରା ବିଶ୍ୱରେ ଆମେରିକା ଅସ୍ତ୍ରଶସ୍ତ୍ରର ପରୋକ୍ଷ ଅବା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ। ସମ୍ପ୍ରତି ଅବିରତ ଚାଲିଥିବା ୟୁକ୍ରେନ ସହ ଋଷିଆର ଏକତରଫା ଭାବେ ଭୀଷଣ ଯୁଦ୍ଧରେ ଏବେ ୟୁକ୍ରେନ ପ୍ରାୟ ଯୁଦ୍ଧ ବିଧ୍ୱସ୍ତ ଅବସ୍ଥାରେ ରହିଛି। ଏହି ଯୁଦ୍ଧରେ ବହୁ ୟୁକ୍ରେନ ସୈନ୍ୟ, ସାଧାରଣ ଜନତା ମୃତାହତ ହୋଇଆସୁଥିଲେ ମଧ ଏହି ଯୁଦ୍ଧ ସମାପ୍ତ ହେବାର ନାଁ ଧରୁନାହି।

ସେହିପରି ଦୀର୍ଘ ବର୍ଷ ହେଲା ତାଲାବାନ ଯୁଦ୍ଧରେ ଆମେରିକାର ସଂପୃକ୍ତି ତାଲିବାନୀ ଯୁଦ୍ଧ ପରିପ୍ରେକ୍ଷୀରେ ଅସଫଳ ସାମରିକ ସଞ୍ଚାଳନ ଶେଷରେ ଏବେ ତାଲିବାନୀ ନିଷ୍ପେସିତ ଆଫଗାନିସ୍ତାନ ଏବେ ବିଧ୍ୱସ୍ତ ହୋଇ ମାନବୀୟ ଯନ୍ତ୍ରଣା ସିକ୍ତ ଅବସ୍ଥାରେ ରହିଥିବା ପ୍ରକାଶ। ପୂର୍ବରୁ ଇରାକ ଯୁଦ୍ଧରେ ଆମେରିକାର ସମ୍ପୃକ୍ତି ସେ ଦେଶକୁ ମଧ ବିଧ୍ୱସ୍ତ କରିଥିଲା। କେବଳ ଆମେରିକା ନୁହେଁ, ବିଶ୍ୱର ନିଜର ସୁପର ପାୱାର ନେତୃତ୍ୱକୁ ଅକ୍ତିଆର କରିବା ପାଇଁ ଆମେରିକା ସହ ପରୋକ୍ଷରେ ଚାଲିଥିବା ମଧ ପ୍ରାଚ୍ୟର ଏହି ଲଢେଇ ଆଗକୁ ନଥମିଲେ ବିଶ୍ୱର ସୁରକ୍ଷା ଉପରେ ଆଶଙ୍କା ଓ ପ୍ରଶ୍ନବାଚୀ ସୃଷ୍ଟି କରିବ। ଏଣୁ ଏ ଦିଗରେ ବିଶ୍ୱ ନେତା ମାନେ ଶାନ୍ତି ପ୍ରତିଷ୍ଠା ପାଇଁ ସବୁ ପ୍ରକାର ପଦକ୍ଷେପ ନେବା ଉଚିତ। ନଚେତ୍ ଦୁଇ ଦେଶ ମଧ୍ୟରେ ଚାଲିଥିବା ଉପରୋକ୍ତ ଯୁଦ୍ଧ ଭବିଷ୍ୟତରେ ଅନେକ ଯୁଦ୍ଧକୁ ଆହ୍ୱାନ କରିପାରେ। କିଏ କହିପାରେ ଉପରୋକ୍ତ ଯୁଦ୍ଧ ଆଗକୁ ଅସମାହିତ ହେଲେ ତାହା ୩ର ବିଶ୍ୱ ଯୁଦ୍ଧର କାରଣ ନହେବ!?

ଯୁଦ୍ଧ ଓ ଜୀବନ ଆହ୍ୱାନ କରିବା ପୂର୍ବରୁ ବିଶ୍ୱଶାନ୍ତି ଓ ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ପାଇଁ ନିଶ୍ଚିତ ଭାବରେ ସାରା ବିଶ୍ୱର ସୁରକ୍ଷା ଆମ ସବୁରିଙ୍କ ଜୀବନ ରକ୍ଷା ବୋଲି ବିବେଚନା କରିବାକୁ ପଡ଼ିବ। ଏଥିରେ ବିଶ୍ୱ ନେତାମାନେ ଆଗେଇ ଆସିବା ବିଧେୟ, ଯାହା ସର୍ବାଦୌ ଗ୍ରହଣୀୟ ଅଟେ।


ସା/ପୋ:- ନାଚୁଣୀ, ଜିଲ୍ଲା:- ଖୋର୍ଦ୍ଧା, ପିନ୍ :-୭୫୨୦୩୪
ମୋ: ୬୩୭୦୪୯୫୯୪୪


## ନିଃସଙ୍ଗତା, ଅବାଞ୍ଛିତ ଅତିଥି

### ପ୍ରଣତି ଆଚାର୍ଯ୍ୟ ମିଶ୍ର



ଟୋକିଓରେ ରହୁଥିବା ଜଣେ ୫୧ ବର୍ଷୀୟା ମହିଳା ଏକୁଟିଆ ରହି ଏତେ ଭୟଭୀତ ହୋଇଯାଇଥିଲେ ଯେ ଅସୁସ୍ଥତା ବାହାନାରେ ବାରମ୍ବାର ଆମ୍ବୁଲାନ୍ସ ଡାକୁଥିଲେ। କେତେବେଳେ ପେଟରେ ଯନ୍ତ୍ରଣା ତ କେତେବେଳେ ଗୋଡ଼ ଯନ୍ତ୍ରଣା, କେତେବେଳେ ଔଷଧ ସେବନ ଯୋଗୁଁ ଅଚେତ ହେବା ବାହାନାରେ ସେ ୨୭୦୦ରୁ ଅଧିକ ମିଥ୍ୟା କଲ୍ କରିଥିଲେ। ତାଙ୍କର ମିଥ୍ୟା କଲ୍‌କୁ ବିଶ୍ୱାସ କରି ପ୍ରତିଥର ତାଙ୍କ ଘରକୁ ଆମ୍ବୁଲାନ୍ସ ଆସୁଥିଲା, ତାଙ୍କୁ ଡାକ୍ତରଖାନା ନିଆଯାଉଥିଲା, ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିଲେ। ହେଲେ ତାଙ୍କର କୌଣସି ରୋଗ ନଥିବା କହୁଥିଲେ।ବାରମ୍ବାର ଏଭଳି ଘଟଣା ହେବାରୁ ଡାକ୍ତରମାନେ ଅଯଥା ହଇରାଣ ନକରିବାକୁ କହିଥିଲେ, ପୁଲିସ ଧମକ ମଧ ଦିଆଗଲା। ହେଲେ ସେ ପୁଣି ଅସୁସ୍ଥତା'ର ମିଥ୍ୟା ଫୋନ୍ କରି ଆମ୍ବୁଲାନ୍ସକୁ ଡାକୁଥିଲେ। ଶେଷରେ ପୁଲିସ ବାଧ ହୋଇ ତାକୁ ଗିରଫ କରିଥିଲା। ବାସ୍ତବରେ, କଲ୍ ପଛର ଉଦ୍ଦେଶ୍ୟ ଜଣାଗଲାଯେ, ଆମ୍ବୁଲାନ୍ସ ବାହାନାରେ ହେଉ ପଛେ କେହି ଜଣେ ତାଙ୍କ ସହ କଥା ହେବେ, ତାଙ୍କ ସୁସ୍ଥତା ବୁଝିବେ ଏବଂ କେହି ତାଙ୍କୁ ବୁଝାଇବା ବାହାନାରେ ତାଙ୍କ ସହ ଯୋଗାଯୋଗ କରିବେ।ଏଥିପାଇଁ ସେ ବାରମ୍ବାର କଲ୍ କରୁଥିଲେ। ଏହି ଖବର ପଢ଼ିବା ଦିନଠାରୁ ଭାବୁଥିଲି ନିଃସଙ୍ଗ ଜୀବନ କେତେ ସଂଘର୍ଷ ମୟ।

କଳାକାର ଏବଂ ସୃଜନଶୀଳ ବ୍ୟକ୍ତି ଏକାନ୍ତ ମୁହୂର୍ତ୍ତକୁ ଅପେକ୍ଷା କରନ୍ତି ଯାହା ଦ୍ୱାରା ସେମାନେ ଏକାଗ୍ରତା ସହିତ ସର୍ଜନା କରିପାରିବେ । ତଥାପି ସେମାନେ ମଧ ଏକାକୀ ଜୀବନକୁ ଭୟ କରନ୍ତି।ଭାରତୀୟ ସଂସ୍କୃତି ସଦାସର୍ବଦା ଯୌଥ ପରିବାରକୁ ସମର୍ଥନ କରି ଆସିଛି। ବଦଳୁଥିବା ସମାଜରେ ଏବେ ସମସ୍ତେ ଯୌଥ ପରିବାର ଠାରୁ ଅଲଗା ରହିବାକୁ ପସନ୍ଦ କରିଥାନ୍ତି। ଏବେର ନିଃସଙ୍ଗ ଜୀବନ ଆମେ ନିଜେ ତିଆରି କରିଥିବା ଆଳୟ । କିନ୍ତୁ ଯେତେବେଳେ ଏହା ଏକ ଅବାଞ୍ଛିତ ଅତିଥି ଭାବରେ ଆସି ଯିବାର ନା, ଧରି ନଥାଏ, ଆମକୁ ନିରାଶ, ଏବଂ ଅବସାଦଗ୍ରସ୍ତ କରିଦିଏ । ଏବେ ସମସ୍ତେ ଭାବିବେଣି ଏକୁଟିଆ ରହିଲେ ଅସୁବିଧା କେଉଁଠି? ଭଲ ଦିପଇସା ବଞ୍ଚୁଛି। କେହି କହିବାକୁ, ଆକଟ କରିବାକୁ ନାହିଁ। ହେଲେ ଏହି ନିଃସଙ୍ଗ ଜୀବନ ମନ ଓ ଶରୀରରେ ଧିରେ ଧିରେ ଭୟଙ୍କର ପ୍ରଭାବ ବିସ୍ତାର କରେ। । ଜାପାନର ଟୋକିଓରେ ଥିବା ଆମ୍ବୁଲାନ୍ସ ଗୁଡ଼ିକ ପ୍ରଶଂସନୀୟ ଯେ ଯେତେବେଳେ ବି ହେଉ ମିଥ୍ୟା କଲ୍ କୁ ଗମ୍ଭୀରତାର ସହ ନେଇ ମହିଳାଙ୍କ ପାଖକୁ ଯାଇଥିଲେ, ତାଙ୍କୁ ଡାକ୍ତରଖାନା ନେଇଥିଲେ, ଡାକ୍ତରମାନେ ତାଙ୍କ କଥା ଶୁଣିଥିଲେ, ତାଙ୍କୁ ପରୀକ୍ଷା କରିଥିଲେ ଏବଂ ତାଙ୍କୁ ବୁଝାଇଥିଲେ। ସେଠାକାର ମେଡିକାଲ କର୍ମଚାରୀ ମାନେ ଏତେ ସହୃଦୟ ଯେ ଅସୁସ୍ଥତା ବାହାନାରେ ଆସିଥିବା ରୋଗୀଙ୍କ କଥା ଶୁଣି ତାଙ୍କୁ ପରାମର୍ଶ ଦେବା ପାଇଁ ସମୟ ନିଅନ୍ତି । କିନ୍ତୁ ଆମର ଏଠି ସତ୍ୟ ଘଟଣାରେ ମଧ ଆମ୍ବୁଲାନ୍ସ ଠିକ୍ ସମୟରେ ପାଖରେ ପହଂଚିନଥାଏ ଏବଂ ଯଦି କେହି ଥରେ ମିଥ୍ୟା କଲ୍ କରନ୍ତି ତେବେ ତାଙ୍କର ପ୍ରକୃତ କଲ୍‌କୁ ମିଛୁଆ ରାଧୁ ଭାବେ ଗ୍ରହଣ କରାଯିବ। ଯଦି ଆମେ ନିଜେ ଅନ୍ୟମାନଙ୍କ ଠାରୁ ଦୂରେଇ ରହିବୁ ତେବେ ନିସଙ୍ଗତା ଆମ ଜୀବନର ଏକ ଅଂଶ ହୋଇଯିବ। ଏଭଳି ପରିସ୍ଥିତିରେ ପରିବାର ମଧ୍ୟରେ ଥାଇ ମଧ ଏକାକୀ ଅନୁଭବ କରି ଯନ୍ତ୍ରଣା ଭୋଗିବାକୁ ପଡ଼ିବ। ପୁରୁଷଙ୍କ ତୁଳନାରେ ମହିଳାଙ୍କ ସ୍ୱଭାବ ଭିନ୍ନ। ପୁରୁଷମାନେ ଅନେକ ସମୟରେ ଶୀଘ୍ର ଅନ୍ୟଙ୍କ ପାଖରେ ମୁହଁ ଖୋଲିନଥାନ୍ତି । ଏପରିକି ଯାତ୍ରା କରିବା ସମୟରେ ସେମାନେ ପ୍ରାୟତଃ ଅନ୍ୟ ଯାତ୍ରୀଙ୍କ ମଧ୍ୟରେ ସୀମିତ ରହିଥାନ୍ତି । ଯଦି କେହି କିଛି ଜାଣିବାକୁ ପଚାରନ୍ତି, ତେବେ ନାପା ତୁଲା ଆନୁଷ୍ଠାନିକ ଉତ୍ତର ଦିଅନ୍ତି ଏବଂ ପୁଣି ଥରେ ଗମ୍ଭୀରତାର ସହ ଚୁପ୍ ହୋଇଯାଆନ୍ତି । ଏପରିକି ଯେଉଁଠି ନିସଙ୍ଗତାକୁ ଦୂର କରାଯାଇପାରିବ, ସେଠାରେ ସେ ଏକା ଆଭ୍ୟନ୍ତରୀଣ ଉଦାସୀନତା ରେ ଘେରି ରହିଥାନ୍ତି। ଅପରପକ୍ଷେ, ମହିଳାମାନେ ଗମ୍ଭୀରତା ଏବଂ ଗର୍ବର ଆଚ୍ଛାଦନରୁ ମୁକ୍ତ ସ୍ୱତଃସ୍ପୃତ ଆଚରଣରେ ବିଶ୍ୱାସ କରନ୍ତି ଏବଂ ସେମାନେ ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ବିଶ୍ୱାସ କରନ୍ତି ଏବଂ ପରିବାର ବିଷୟରେ ମଧ କଥା ହୁଅନ୍ତି । ଯଦିଓ କେତେକ କ୍ଷେତ୍ରରେ ଏହା ଉଚିତ୍ ନୁହଁ। ଟୋକିଓର ମହିଳା ଜଣକ ନିଃସଙ୍ଗତା ଦୂର କରିବା ପାଇଁ ରୋଗକୁ ଏକ ବାହାନା ଭାବରେ ବ୍ୟବହାର କରିବାକୁ ବାଧ ହୋଇଥିଲେ, କିନ୍ତୁ ଏଠାକାର ମହିଳାମାନେ ଏପରି ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ନାହିଁ । ହାଓ ଟୁ ବି ଓମେନ୍ ଭଳି ଏକ ଲୋକପ୍ରିୟ ପୁସ୍ତକର ଲେଖକ କ୍ୟାଟଲିନ୍ ମୋରାନ ମଧ ବିଶ୍ୱାସ କରନ୍ତି ଯେ ଆଜିର ଯୁଗରେ ପୁରୁଷଙ୍କ ଜୀବନ ମହିଳାଙ୍କ ତୁଳନାରେ ଅଧିକ କଷ୍ଟକର । ପୁରୁଷମାନେ ନିଜର ସମସ୍ୟା ବାଣ୍ଟି ପାରନ୍ତି ନାହିଁ। ସେମାନେ ନିଜ ମନ ଭିତରେ ଅନେକ କିଛି ଲୁଚାଇ ରଖିଥାନ୍ତି। ମହିଳାମାନେ ନିଜ ସହ ଜଡିତ ସମସ୍ୟା ବିଷୟରେ ଖୋଲାଖୋଲି କଥା ବାର୍ତ୍ତା କରୁଥିବା ବେଳେ ପୁରୁଷମାନେ ଏହା କରନ୍ତି ନାହିଁ । ପୂର୍ବରୁ ସାଙ୍ଗସାଥୀଙ୍କ ସହ ନିଜର ସମସ୍ୟା ବାଣ୍ଟିବା ଦ୍ୱାରା ମନ ହାଲୁକା ହେଉଥିଲା।, କୁହାଯାଏ ଦୁଃଖ ବାଣ୍ଟିଲେ ଲାଘବ ହୁଏ, ସୁଖ ବାଣ୍ଟିଲେ ଦ୍ୱିଗୁଣ। ବନ୍ଧୁମାନଙ୍କଠାରୁ ଆତ୍ମବିଶ୍ୱାସ, ପ୍ରୋତ୍ସାହନ, ସମର୍ଥନ ଓ ପରାମର୍ଶ ମିଳେ। କିନ୍ତୁ ଆଜିର ଯୁଗରେ ଖୋଜିଲେବି ପ୍ରକୃତ ଓ ବିଶ୍ୱସ୍ତ ବନ୍ଧୁ ମିଳିବେ ନାହିଁ । ସମସ୍ତେ ନିଜେ ନିଜ ଜୀବନ ଦୌଡରେ ସାମିଲ।


ନୟାଗଡ଼
ମୋ: ୯୪୩୭୬୪୨୯୪୭





### ଉତ୍କଳ ମୌଡ଼ମଣି

**ସୁବାସ ଚନ୍ଦ୍ର ସାହାଣୀ**

ଘୋର ତମସାର ତଟେ, ତୃଷ୍ଣାତୁର ପ୍ରାଣ ତୃପ୍ତି ତରୁଣ ତୂର୍ଯ୍ୟ
କୋଟି ଅରକ୍ଷିତ, ଆର୍ତ୍ତ, ଅଧୀର, ଅସହାୟ ଆତ୍ମା ସହାୟ ସୂର୍ଯ୍ୟ ।
ଦୁଃଖ ଶ୍ରାବଣ ଆଖିର ଆଖିଏ,ଆଶା ଆକାଶର ଅରୁଣ ମୂର୍ଜ
ଶ୍ମଶ୍ରୁ ବହଳ, ଶାନ୍ତ ମୂର୍ତ୍ତି, କରୁଣା କଳ୍ପ କଳ କଳ, ଆଃ କିମାଧୁର୍ଯ୍ୟ !!

ହେ ପ୍ରାଣ, ପ୍ରଣୟ, ପୁଣ୍ୟାତ୍ମା ପ୍ରୀତି ପ୍ରତ୍ୟାଶି, ପୁଷ୍ପ କୋମଳ ପିଣ୍ଡ
ଛୁରିଅନା, ବକୁଳବନର, ମହାସାଧକ, ଦୁଃଖୀ ରଙ୍କି ରଙ୍କ ନିଧି।
କେତେ କାକୁସ୍ଥ,କାତର ଆତୁର ଆହତ ଧ୍ୱନିର, କୋଳାଗ୍ରତ ତୁଣ୍ଡ,
ଅସୂର୍ଯ୍ୟ ସକାଳୁ, ଅସ୍ତରାଗ ଯାଏ, ମାନବ ସେବା ଯା ଜୀବନ ବିଧି।

ମହା ଉତ୍କଳ ମଉଡ଼ମଣି, ମଣିଷ ମର୍ମ-ମାଟିର, ବେଦନାକ୍ତ ସ୍ୱରଧ୍ୱନି,
ହାହୁତାଶ, ହୃଦୟ ଛିନ୍ନ ବିଣାର, ଜୀର୍ଣ୍ଣରାଗ, ଜୀବନଯୁଦ୍ଧଯଜ୍ଞ ଭେରୀ।
କେତେ ବନ୍ୟା, ମରୁଡ଼ି, ପ୍ରକୃତି ବ୍ୟୁତ୍ପାତ ବାଧା ବନ୍ଧନାଘାତ ଭେଦି
ହେପରମପୁରୁଷ, ପୂର୍ଣ୍ଣପ୍ରଭାତ୍ୟାଗୀ, ସରଳମନା ମହାଚେତନାବାଦୀ।

ଆଜିଦିଶା ହରା, କି ଦୁର୍ଦ୍ଦଶା ଭରା, ଦୁଃଦୁର୍ଦ୍ଦିନ ଦୁଃଖର ତମାଳ ବନ
ତମବିନା ଦେଖ, ପୀଡାରେ ପୀଡିତ, ପୁଆତି ଶେଯ ଲୋତକାପୂର୍ଣ୍ଣ।


ଶ୍ରୀହରି ଆଳୟ, ବାଂମୟ ନିଳୟ,ସାହିତ୍ୟ ଚିରକାଳ
ସା-ବୋଇତାଳୁ ପାଟଣା, ପୋଷ୍ଟ-ମୋହନପୁର, ଭାୟା-ବିଂଝାରପୁର-୭୫୫୦୦୪, ଜିଲ୍ଲା-ଯାଜପୁର
ମୋ: ୭୩୮୪୨୫୧୧୪୬


### ଦୁର୍ଗମ ପଥର ମଣିଷ ମୁଁ

**ଦେବାଶିଷ ସିଂହ**

କଳ୍ପନାର ଶିଖର ଛୁଇଁ ଛୁଇଁଯାଏ
ଏଇ ମନ
ପଥ ସିନା ଲମ୍ବିଛି କାହିଁ କେତେ ଦୂର
ଶିହରଣ କିନ୍ତୁ.. ଆବେଗର..
ବର୍ଣ୍ଣାଳି ଡେଇଁ ଡେଇଁ
ଆଗକୁ ଯିବାର ପ୍ରୟାସ ଜାରି ରଖିଛି
ସ୍ପନ୍ଦନ ବୋଧହୁଏ ସେଇଥିପାଇଁ
କାନ୍ଦୁଛି କଇଁ କଇଁ ..

ଭାବନାର ଅନ୍ତରାଳେ ସ୍ୱପ୍ନ ଗୁରୁଣ୍ଡୁ
ଥିବାର
ମୋ ଆଖି ଦେଖିଛି...
ସତ କହୁଛି ମୋ ଆଖି
ମୋତେ କେବେ
ଧୋକା ଦେବନି...
ତଥାପି କେବେ କେମିତି
ଅଭିଳିପ୍‌ଶା ନିର୍ଜନତାର ରାଗିଣୀକୁ
ପ୍ରତ୍ୟାଖ୍ୟାନ କରୁଥାଏ
ପଥ କିନ୍ତୁ ସେମିତି ଲମ୍ବିଥାଏ
ଦୂର ଦିଗ୍ ବଳୟର ଆଖିଠାରରେ
ସିଏ କୟେଦ ହୋଇଯାଏ..

ଦୁର୍ଗମ ପଥର ମଣିଷ ମୁଁ....
ଗ୍ରୀଷ୍ମର ତାତିରେ
ଅଣନିଶ୍ୱାସି ହୋଇଥାଏ
ବର୍ଷା ଝଡରେ ଅତିଷ୍ଠ ହୋଇଥାଏ
ଶୀତ କାକରରେ ସଙ୍କୁଚିତ
ହୋଇଥାଏ ମୁଁ
ସୁଲଭ ମୂଲ୍ୟରେ କ୍ରୟ ବିକ୍ରୟ
ବାଣିଜ୍ୟକୁ
ହାତ ମୁଠାକୁ ନେବାକୁ
ଚାହିଁ ରହିଥାଏ ମୁଁ

ଯାତ୍ରା କଲା ବେଳେ ଦୁର୍ଗମ ପଥରେ
ମୋ ଆଖି ଧୋକାର ଛବି ଦେଖୁଥାଏ
ଅନେକ ଅନୁଭୂତିକୁ ସାଉଁଟି ସାଉଁଟି
ଅନୁଭବକୁ ଶବ୍ଦର ତୂଳୀରେ
ଆଙ୍କୁଥାଏ ...


ସହଦେବଖୁଣ୍ଟା, ବାଲେଶ୍ୱର
ମୋ: ୯୦୪୦୪୬୬୬୭୫


### ଲୁହର ଭାଷା

**ସନ୍ତୋଷ କୁମାର ଅଦାବର**

ଦୁଃଖ ଦାରୁଣ ବି ଏତେ ନିଷ୍ଠୁର ଯେ
ହୃଦୟ ଦିଏ ଚିପୁଡ଼ି
ଛାତିର କୋହ ଟି ଆଖି ଲୁହ ହୋଇ
ଦୈବାତ୍ ଯାଏ ନିଗିଡ଼ି ।
ଦରଦୀ ହୃଦୟ ବୁଝିପାରେ ସିନା
ଲୁହର ମରମ କଥା
ବିଳାସୀ ମନଟା ବିଳାସରେ ଲିପ୍ତ
ନଥାଏ ଲୁହର ଚିନ୍ତା ।
ଛଳନା ଲୁହ କୁ କଳନା କରିବା
କଷ୍ଟକର କଥା ପୁଣି
ଆନନ୍ଦ ଲୁହରେ ଥାଏ କେତେ ଆଶା
ଅନୁଭବି ପାରେ ଜାଣି ।
ବିରହୀ ଲୁହରେ ଲେଖି ହୋଇଯାଏ
ବିଚ୍ଛେଦର ଏକ ଗପ
ଅଧର୍ମର ଲୁହ ଧର୍ମ ଆଗେ ହାରି
ମାପେ ଅସରନ୍ତି ପାପ ।
ବିଫଳତା ଲୁହ ସଫଳତା ଦିଗେ
କରେ ପଥ ପ୍ରଦର୍ଶନ
ଲୁହର ଭାଷାକୁ ବର୍ଣ୍ଣିବା ସତରେ
ଅଟେ ଅତ୍ୟନ୍ତ କଠିନ ।
ଲୁହ ପରେ ହସ ହସ ପରେ ଲୁହ
ଏ ଧ୍ରୁବସତ୍ୟ ବଚନ
ଲୁହରେ ହସକୁ ଖୋଜି ପାଇଗଲେ
ଅମୃତ ହୁଏ ଜୀବନ ।


ବୀରମହାରାଜପୁର, ଜି-ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


### ଦରଜ

**ରତ୍ନକାନ୍ତି ମିଶ୍ର**

ଦିଶୁନି
ଅଥଚ ବୁଝି ହେଉଛି
ଭିଟାମାଟି ଉପରେ
କ୍ରମେ ଦି' ପତରରୁ
ଶାଖା ମେଲୁଛି ଅଶାନ୍ତିର ବୀଜ
ବାପାଙ୍କ କପାଳରେ
ସମୟ ସମୟରେ ଉକଟି ଉଠୁଛି
ଟିପି ଟିପି ଝାଳ
ମାଆ ଶୂନ୍ୟକୁ ଅନେଇ ଛଳଛଳ
ବଦଳି ଗଲାଣି
ବାହାଚୁରା ପିଲାଙ୍କ ବ୍ୟବହାର
ନିଜ ସୁଖ ଖୋଜାରେ ସବୁ ଆଡମୁହାଁ
କୁହୁଳି କୁହୁଳି ଶୂନ୍ୟକୁ ଧୂଆଁ ଉଠେ
ଯାହା
କିଛି କହି ହେବକି ବାହା ହେଲା ପୁଅକୁ
କହିଲେ ପା କୁଳ କୁଟୁମ୍ବକୁ ଲାଜ...!
ଘର ଫେରନ୍ତା ପୁଅ ଆଉ ଖୋଜୁନି
ମୁହଁ ପୋଛିବାକୁ
ମା'ର ପଣତ,
ସ୍ତ୍ରୀ କାନକୁହା ଏଡାଇବା ଯେ
ନିହାତି ଦୁରୁହ
ଛାତିରେ ଅହର୍ନିଶି ଗାର କାଟେ
ତା' ଘରଭଙ୍ଗା ମଗଜ
ମାଆର ମାଗିଅଣା ତଥାସ୍ତୁ
ଗ୍ରାମ ଦେବତୀଙ୍କ ଆଶିଷ
ଉପବାସ, ପ୍ରାର୍ଥନା
ସବୁ ଉପହାସିତ
ଦିକଦିକ ଜଳୁଛି ଚଉଁରା ମୂଳରେ
ସଳିତା
ପୋଡାଗନ୍ଧ ବିସ୍ତାରୁଛି
ହେଲା କ୍ଷଣି ସଞ୍ଜ
ଘୁଣ ଖାଉଛି ତ୍ୟାଗର ଅତୀତ
ବାପାମାଆଙ୍କ ଝଡ ସହଣି ଛାତିରେ
ଏବେ ଅସହ୍ୟ ଦରଜ...!!


ଆଳି, କେନ୍ଦ୍ରାପଡା

# ମହିଳା ଏବଂ ମତଦାନ



ଡ଼ଃ.ଅରୁନ୍ଧତୀ ଦେବୀ




ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ମହିଳାଙ୍କ ମତଦାନ ଅଧିକାର ମୁକ୍ତ ଭାବରେ ପ୍ରଦାନ କରାଯାଇଛି । ଭାରତୀୟ ରାଜନୀତିକୁ ଦେଖିଲେ ପୋଖତ୍ ମହିଳା ରାଜନେତାଙ୍କ ରାଜ ଢ଼େର ଦିନ ବି ଚାଲିଛି । ମହିଳା ଭୋଟକୁ ହାତେଇବା ପାଇଁ ପ୍ରାୟତଃ ଅନେକ ରାଜନୈତିକ ଦଳ ମହିଳା ପାର୍ଥୀଦେବା ଠାରୁ ମହିଳା ସମାଜ ପାଇଁ ଅନେକ ପ୍ରଶଂସନୀୟ କଲ୍ୟାଣମୂଳକ ଯୋଜନା ହାତକୁ ନେଇଥାନ୍ତି । ମତଦାନ କ୍ଷେତ୍ରରେ ମହିଳାମାନେ ସଂପ୍ରତି ଯଥେଷ୍ଟ ସଚେତନ ହେଲେଣି । ମହିଳା ଭୋଟଦାତାଙ୍କୁ ସମ୍ମାନ ଜଣାଇ ମହିଳା ସଂରକ୍ଷଣ ବିଲ୍ ସର୍ବପ୍ରଥମେ ବିଜୁପଟ୍ଟନାୟକ ହିଁ କରିଥିଲେ ତାଙ୍କ ପରି ଜଣେ କିମ୍ବଦନ୍ତୀ ରାଜନୈତିଜ୍ଞ ଭାରତବର୍ଷରେ ପ୍ରଥମେ ଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଆଉପାଦେ ଆଗେଇ ଯାଇ ପୌର ସଂସ୍ଥାରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ପ୍ରଚଳନ କରି ଏକ ନୂଆ ଇତିହାସ ଗଢ଼ିଛନ୍ତି । ସେହିପରି ଉମାଭାରତୀ, ରାବେଢ଼ି ଦେବୀ, ମମତା ବାନାର୍ଜୀ, ମାୟାବତୀଙ୍କ ପରି ଜାତୀୟ ସ୍ତରର ନେତାଙ୍କ ଭିତରେ ଆମ ରାଜ୍ୟ ରାଜନୀତିରେ ସ୍ୱର୍ଗତଃ ନନ୍ଦିନୀ ଦେବୀଙ୍କ ଦୁଃସାହାସିକ ରାଜନୀତି ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇଥିଲା । ତାଙ୍କ ସମୟରେ ସେ ଅନେକ କ୍ରାନ୍ତୀକାରୀ ଯୋଜନା ପ୍ରଳଚନ କରିପାରିଥିଲେ । ଯେ କି ନିଜ ଦଳର ଦୋଷତ୍ରୁଟିକୁ ଘଣ୍ଟ ନଘୋଡାଇ ସତ୍ୟ ହିଁ ଲେଖନ୍ତି । ତେବେ ମହିଳା ରାଜନୀତି ଭିତରେ ମତଦାନର ଭୂମିକା ଉପରେ ରାଜନୀତି ନିର୍ଭର କରୁଥିବାରୁ ସଂପ୍ରତି ମହିଳା ମତଦାତାଙ୍କ ଭିତରେ ବିଭିନ୍ନ ପ୍ରକାର ସଚେତନତା ସୃଷ୍ଟିକରି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭୋଟଦାନ କାର୍ଯ୍ୟକ୍ରମରେ ସାମିଲ ହୋଇପାରୁଛନ୍ତି।

ସେହିପରି ଇଉରୋପୀୟ ଏବଂ ଆମେରିକାନ୍‌ମାନେ ନିଜକୁ ସବୁ ଦୃଷ୍ଟିରୁ ଆଗୁଆ କହୁଥିଲେ ହେ ସେହି ଦୁଇ ମହାଦେଶର ମହିଳାମାନଙ୍କୁ ମତଦାନ ବା ଭୋଟ୍ ଦେବା ଅଧିକାର ୧୯୦୬ ପର୍ଯ୍ୟନ୍ତ ମିଳି ନଥିଲା । ଉଲ୍ଲେଖନୀୟ ଯେ, ଇଂଲଣ୍ଡ ଅଧୀନସ୍ଥ 'ଦ ଆଇଜିଲ୍ ଅଫ୍ ମ୍ୟାନ' ୧୮୮୦ରେ ବିଶ୍ୱରେ ସର୍ବପ୍ରଥମେ ମହିଳାଙ୍କୁ ମତଦାନ ଅଧିକାର ଦେବା ପରେ ୧୮୯୩ରେ ନିଉଜିଲାଣ୍ଡ, ୧୮୯୪ରେ ଦକ୍ଷିଣ ଏବଂ ୧୮୯୮ରେ ପଶ୍ଚିମ ଅଷ୍ଟ୍ରେଲିଆ, ୧୯୦୬ରେ ଫିନ୍‌ଲାଣ୍ଡ, ୧୯୦୭ରେ ନର୍‌ୱେ, ୧୯୧୫ରେ ଡେନମାର୍କ, ୧୯୧୭ରେ ରୁଷିଆ ଓ ନେଦରଲାଣ୍ଡ ମହିଳାଙ୍କ ପାଇଁ ନିଜ ନିଜ ଆଇନରେ ବ୍ୟବସ୍ଥା କରିଥିଲେ । ୧୯୧୮ରେ ଅଷ୍ଟ୍ରିଆ, କାନାଡ଼ା, ଜର୍ମାନୀ, ପୋଲାଣ୍ଡ ଏବଂ ଇଂଲଣ୍ଡ, ୧୯୨୦ରେ ସ୍ୱିଡ଼େନ୍ ଏବଂ ତା'ପର ବର୍ଷ ଚେକୋସ୍ଲୋଭାକିଆ ଏବଂ ଆମେରିକା ମହିଳାଙ୍କୁ ଭୋଟ୍ ଅଧିକାର ଦେଇଥିଲେ । ଫ୍ରାନ୍‌ସ ଏବଂ ଇଟାଲିର ମହିଳାମାନଙ୍କୁ ଏହି ଅଧିକାର ହାସଲ କରିବା ଲାଗି ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା । ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ମନେହେଉଥିଲେ ହେଁ ସୁଇଜରଲାଣ୍ଡ ୧୯୭୧ରେ ଯାଇ ନିଜର ମହିଳାଙ୍କୁ ମତଦାନ ଅଧିକାର ଦେଇଥିଲା । କୁଏତୀ ମହିଳାମାନେ ୨୦୦୫ରେ ସେହି ଅଧିକାର ପାଇଥିଲେ । ବ୍ରୁନେଇ, ସାଉଦି ଆରବ ଏବଂ ମିଳିତ ଆରବ ରାଷ୍ଟ୍ରସଂଘରେ ଏ ପର୍ଯ୍ୟନ୍ତ ମହିଳାଙ୍କୁ ମତଦାନ ଅଧିକାର ଦିଆଯାଇନାହିଁ ।

କେବଳ ଭାରତ ନୁହେଁ ବିଶ୍ୱ ଇତିହାସରେ ଦେଖାଯାଇଛି ବିଦେଶରେ ମହିଳା ମତଦାତାଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି । କାରଣ ସେ ଦେଶରେ ମହିଳାମାନେ ନିଜ ପସନ୍ଦର ନେତାଙ୍କୁ ମତଦାନ ମାଧ୍ୟମରେ ଦେଶର ଶାସନଭାର ପ୍ରଦାନ କରିଥାନ୍ତି । ମହିଳା ମତଦାତାମାନେ ସଂପ୍ରତି ପୂର୍ବପରି ଆଉ ସ୍ୱାମୀ ହେଉ ବା ବାପା, ଶ୍ୱଶୁର ହୁଅନ୍ତୁ ବା ବନ୍ଧୁ କାହାର କାନକୁହା କଥାରେ ନଶୁଣି ନିଜ ଇଛାରେ ନିଜ ପସନ୍ଦର ଭୋଟଦାତାଙ୍କୁ ନିଜର ଭୋଟ ପ୍ରଦାନ କରିଥାନ୍ତି । ମହିଳା ମତଦାତାମାନେ ତଥାପି ଅନେକକ୍ଷେତ୍ରରେ ଭୁଲ ଭାବରେ ଭୋଟ ପ୍ରଦାନ କରୁଥିବାରୁ ଅନେକ ଭୋଟ ନାକଚ୍ ହୋଇଯିବାର ଖବର ନିକଟରେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ମହିଳା ମତଦାତାଙ୍କ ଅଧିକାର ପାଇଁ ମହିଳା ମତଦାତାଙ୍କୁ ଭୋଟ ଦାନ ସାବ୍ୟସ୍ତ ପାଇଁ ସେମାନେ କାର୍ଯ୍ୟ କରୁଥିବା ସରକାରୀ ଠାରୁ ବେସରକାରୀ ସଂସ୍ଥାରେ ସବେତନ ଛୁଟି ପାଇଥାନ୍ତି । ମହିଳା ମତଦାତାମାନେ ସଚେତନ ହୋଇ ନିଜର ମତଦାନ ମାଧ୍ୟମରେ ଜାଗ୍ରତ ଭାରତରେ ଏକ ଲୋକପ୍ରିୟ ସରକାର ଗଠନ ପାଇଁ ନିଜ ଭୂମିକାକୁ ଗୌରବାନ୍ୱିତ କରିବାର ସମୟ ପହଞ୍ଚିଛି । ନିକଟରେ ଭାରତୀୟ ପରିସଂଖ୍ୟାନ ବ୍ୟୁରୋର ତଥ୍ୟ ଅନୁଯାୟୀ ମହିଳା ମତଦାତାଙ୍କ ସଂଖ୍ୟା ବଢୁଛି । ଯେଉଁଥିରେ ଓଡ଼ିଶାର ଶୀର୍ଷ ଦଶକରେ ସ୍ଥାନ ପାଇଛି । ଘରର ଜଞ୍ଜାଳ, ଭୋଟ ଛୁଟି ପାଇଲେ ବି ଘରେ ଅଳସୁଆମି, ସଚେତନତାର ଅଭାବ, ଏପରିକି ରାସ୍ତାଘାଟ ନଥିବାର ଏପରି ଅଞ୍ଚଳ ରହିଛି ଯେଉଁଠାରେ ମହିଳା ମତଦାତାମାନେ ଯିବା ସମ୍ଭବପର ହୋଇନଥାଏ । ତେବେ ମହିଳା ମତଦାତାଙ୍କ ପାଇଁ ସ୍ୱତନ୍ତ୍ର ମହିଳା ପୋଲିସ ସୁରକ୍ଷା ବ୍ୟବସ୍ଥା ସହ ସେମାନଙ୍କର ନିରାପତ୍ତା ଭୋଟ ପାଇଁ କେନ୍ଦ୍ର ନିର୍ବାଚନ କମିଶନ ନିକଟରେ ସୂଚନା ଦେଇଛନ୍ତି । ଆଜି ବିଶ୍ୱ ମହିଳା ମତଦାନ ଦିବସ ଅବସରରେ ସଭି ମହିଳାଙ୍କ ଭିତରେ ମତଦାନ ଅଧିକାର କରି ଗୌରବ ଭାରତର ପ୍ରଗତିରେ ନିଜର ସ୍ୱାକ୍ଷର ସୃଷ୍ଟି କରି ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

ଧାରାବାହିକ ଉପନ୍ୟାସ



(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୧୯ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯୋଗ ରେ ଏହି ହୃତପିଣ୍ଡ ବା ବାୟୁ ଚଳନ ଏକ ବିଶେଷ ଭୂମିକା ନିର୍ବାହ କରୁଥିଲା । ତେଣୁ ସେମାନେ ପ୍ରାଣ ଚକ୍ର ବା ଜୀବନ ଚକ୍ର ବା ବ୍ରହ୍ମର ସମ୍ୟକ୍ ଶକ୍ତି ବିଷୟରେ ଜ୍ଞାନ ଲାଭ କରିଥିଲେ । ତେଣୁ ବ୍ୟାପକ ଭାରତ ବର୍ଷର ନାମକୁ ସନାତନୀ ମାନେ ପ୍ରଥମେ ଅଜ ବା ପ୍ରାଣ ଚକ୍ର ନାମରେ ନାମିତ କରିଥିଲେ । ଏହାର ଅନ୍ୟ ଅର୍ଥ ହେଲା, ଯେଉଁ ଭୂଭାଗ ଅଜ ବା କେବେ ଜନ୍ମ ହୋଇ ନାହିଁ । ଏହା କେବଳ ଏକ ବିଶାଳ ସ୍ଥଳ ଭାଗର ଅଂଶ ବିଶେଷ ଥିଲା । ଏହା ମଧ୍ୟ ହୋଇପାରେ ଯେ,ଏହି ଭୁଭାଗରେ ପ୍ରତିଷ୍ଠିତ ଧର୍ମ ଅନାଦି ସତ୍ୟ ଉପରେ ଆଧାରିତ ଥିଲା । ଅଜର ଅନ୍ୟ ଅର୍ଥ ମଧ୍ୟ ମାତା ମହ ହୋଇପାରେ ।

ଏହି ସନାତନ ଧର୍ମ ମାନବ ଜାତିର ଅଶେଷ ଉପକାର ସାଧନ କରିଥିଲା । ଏହାର ପ୍ରଭାବରେ ଜୋର୍ ଯାହାର, ମୁଲକ ତାହାର ନୀତିରେ ସ୍ୱେଚ୍ଛାଚାରୀ ଜୀବନ ଯାପନ କରୁଥିବା, ଯାଯାବର, ବିଶୃଙ୍ଖଳ ମଣିଷମାନଙ୍କ ମଧ୍ୟରେ ସାମାଜିକ ଶୃଙ୍ଖଳା ସହ ଜୀବନରେ ନୀତି, ନିୟମ ଓ ନୈତିକତା ସୃଷ୍ଟି ହୋଇ ଜୀବନ ଶୈଳୀକୁ ମାନବିକ କରିଥିଲା ତଥା ତାର ମନ, ବୁଦ୍ଧି ଓ ଚେତନାକୁ ଉନ୍ନତ ସ୍ତରକୁ ନେଇ ଯାଇଥିଲା । କ୍ରମେ ସେମାନେ ସଭ୍ୟ ଜୀବନ ଯାପନ କରିବା ଆରମ୍ଭ କଲେ । ଏପରିକି ଆର୍ଯ୍ୟ ମାନେ ସୃଷ୍ଟି ହେବା ପରେ ଯୁଦ୍ଧରେ ମଧ୍ୟ ପୂର୍ବର ହିଂସ୍ର, ପାଶବିକ ଲଢେଇକୁ ସଂଶୋଧନ କରି ମାନବିକ ଶୃଙ୍ଖଳା । ଓ ନିୟମମାନ ପ୍ରଣୟନ କରାଗଲା । ବାଳ, ବୃଦ୍ଧ, ବନିତା, ବଳହୀନ, ଅସ୍ତ୍ର ହୀନ, ଭିକ୍ଷୁ, ମାନବ ମାନେ ଅବଧ ହେବା ସହ ଏହି ଆର୍ଯ୍ୟ ମାନେ ତରୁ, ଲତା, ପ୍ରାଣୀ ଏବଂ ସନାତନୀମାନଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରିବାର ଏକ ପ୍ରତିଶ୍ରୁତି ଥିଲେ । କେବଳ ସମାସ୍କନ୍ଧ ଯୋଦ୍ଧା ମାନଙ୍କ ମଧ୍ୟରେ ଯୁଦ୍ଧ କରିବାର ନିୟମ ହେଲା । ଏହି ଆର୍ଯ୍ୟ ଶବ୍ଦର ଅର୍ଥ ଥିଲା ସଭ୍ୟ ଯୋଦ୍ଧା । ଏମାନେ ଅର୍ଯ୍ୟମା ନାମକ ସୂର୍ଯ୍ୟ କିରଣ ( ଯାହାର ସର୍ବ ପ୍ରଥମ କିରଣ ଈଶାନଙ୍କର ନିବାସ ହିମାଳୟ ପର୍ବତର ଶୃଙ୍ଗକୁ ପ୍ରଥମେ ପୂର୍ବ ଦିଗରୁ ସ୍ୱର୍ଶ କରୁଥିଲା) ଏବଂ ସପ୍ତ ମାତୃକା ବା ଆଦିଦେବୀଙ୍କଠାରୁ ସୃଷ୍ଟି ହୋଇଥିବା ସନାତନ ଧର୍ମର ଦାୟାଦ ଥିଲେ ଏବଂ କଶ୍ୟପଙ୍କର ପୁତ୍ର ଆର୍ଯ୍ୟମା ଏବଂ ତାଙ୍କର ପତ୍ନୀ ମାତୃକା ମାନଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । କ୍ରମେ ବ୍ରାହ୍ମଣ, ବୈଷ୍ଣବ, ଋଷି, ଯୋଗୀ, କ୍ଷତ୍ରିୟ ଆଦି ସମସ୍ତଙ୍କୁ ଆର୍ଯ୍ୟ ବୋଲି ଧାରଣା ହୋଇ ଗଲା ଓ ଏମାନଙ୍କ ବାସ ସ୍ଥାନକୁ ଆର୍ଯ୍ୟାବର୍ତ୍ତ ବୋଲି କୁହାଗଲା । ଏହି ଆର୍ଯ୍ୟ ମାନେ ମଧ୍ୟ ସନାତନ ଧର୍ମୀ ଥିଲେ ଓ ଏହାର ସୁରକ୍ଷା କରୁଥିଲେ । ଏପରିକି ସମୁଦ୍ରର ସୁନାମୀରେ ଦ୍ୱାରକା ସହ ପାଞ୍ଚ ହଜାର ବର୍ଷ ପୂର୍ବେ ଧ୍ୱସ୍ତ ହୋଇ ଯାଇଥିବା ସିନ୍ଧୁ ସଭ୍ୟତାର ରାଜା ଜୟ ଦ୍ରଥ ମଧ୍ୟ ଜଣେ ଆର୍ଯ୍ୟ ରାଜା ଥିଲା ବୋଲି ଅନୁମାନ ହୁଏ, ଯଦି ବା ପ୍ରଜା ମାନେ ଭିନ୍ନ, ଭିନ୍ନ ଜାତିର ହୋଇ ଥାଇପାରନ୍ତି । ସେତେବେଳେ ଜ୍ଞାନୀ ମୁନି, ଋଷିମାନଙ୍କ ବ୍ୟତୀତ ସାଧାରଣ ମଣିଷ ମାନେ ନିରକ୍ଷର ଥିଲେ ବା ସାଙ୍କେତିକ ଛବି ଲିପି ବ୍ୟବହାର କରୁଥିଲେ ।

ଏହା ସତ୍ୟ ଯୁଗ ଥିଲା । ଭାଗବତ ଅନୁସାରେ ସତ୍ୟ ଯୁଗ ଚାରି ସହସ୍ର, ତ୍ରେତୟା ତିନି, ଦ୍ୱାପର ଓ କଳି ଏକ ସହସ୍ର ବର୍ଷ ଲେଖାଏଁ ଧରାଯାଏ ।ଏମିତି ଦେଖିଲେ ସତ୍ୟ ଯୁଗ ଆଜକୁ ଏଗାର ହଜାର ବର୍ଷ ପୂର୍ବେ ନୂତନ ପ୍ରସ୍ତର ଯୁଗରୁ ଆରମ୍ଭ ହୋଇ ଖ୍ରୀଷ୍ଟ ଜନ୍ମଠାରୁ ସତ୍ୟ ଯୁଗ ଚାଲିଲାଣି । ଅନ୍ୟ ମତରେ ସମସ୍ତ ଯୁଗ ତେୟାଳିଶ ଲକ୍ଷ କୋଡିଏ ହଜାର ବର୍ଷ, ମାନେ ନୃବାନର ମଣିଷ ହେବା ଦିନଠାରୁ ହିଁ ଆରମ୍ଭ ହୋଇଅଛି ।

ଦ୍ରାବିଡ ରାଜା ସତ୍ୟ ବ୍ରତ ସେହି ଶତ କ୍ରୁଣ ଦୈର୍ଘ୍ୟ ( କ୍ରୁଣ ମାପର ଆଭିଧାନିକ ଅର୍ଥ ବୋଧହୁଏ ଏକ ଯୋଜନ ହୋଇ ଥାଇପାରେ । କିନ୍ତୁ, ମୋ ମତ ରେ ଏହା ସେତେବେଳେ ପ୍ରଚଳିତ ଥିବା ଚକ ରେ ଚକାଏ ବା ମଣିଷର ଗୋଟିଏ ପାହୁଣ୍ଡ ସହ ସମାନ ।) ବିଶାଳ କାୟ ମୀନଙ୍କର ଭାଷା ଶ୍ରବଣ କରିବାରେ ଲାଗିଲେ ।

' ବେଦପତି ବ୍ରହ୍ମା ସିନ୍ଧୁ ତଟରେ ବେଦ ପୁସ୍ତକ ରଖି ସନ୍ଧ୍ୟା ତର୍ପଣ କରୁଥିଲେ । ମୁଁ ସେତେବେଳେ ହୟ ଗ୍ରୀବ ନାମକ ଏକ ଦାନବ ରୂପରେ ତାହାକୁ ଅପହରଣ କଲି ଏବଂ ଏକ ମତ୍ସ୍ୟ ରୂପରେ ତାହାକୁ ଉଦ୍ଧାର କରିଥିଲି ।'

( ବୋଧହୁଏ ହୟଗ୍ରୀବ ଏକ ପକ୍ଷ ଥିବା ସମୁଦ୍ର ଘୋଟକ ପରି ଜଳଚର ପ୍ରାଣୀ ଥିଲା । କାରଣ ହିରଣାକ୍ଷ ଓ ହିରଣ୍ୟକଶିପୁ ହିଁ ପୃଥିବୀର ପ୍ରଥମ ଦାନବ ଥିଲେ । ହୋଇପାରେ ମଧୁ, କୈଟଭ ( ଯିଏକି ଲାଳରୁ ବଂଶ ସୃଷ୍ଟି କରୁଥିଲା,) ପରି ଅନିଷ୍ଟ କର, ଭୟଙ୍କର ଜୀବ ଓ ମାନବ ମାନଙ୍କୁ ସେମାନେ ଦାନବ ବା ଅସୁର ବୋଲି କହୁଥିଲେ । ଦେବତାମାନଙ୍କ ଦ୍ୱାରା ପାଳିତ କ୍ଷିତ୍ ବା ଭୂମିକୁ ସେମାନେ ସୁରକ୍ଷିତ ଓ ଅସୁର ପାଳିତ ଭୂମିକୁ ଅସୁରକ୍ଷିତ ବୋଲି ମନେ କରୁଥିଲେ । ଏହିପରି ସ୍ଥାନରେ ବାସ କରୁଥିବା ଅଧିବାସୀମାନେ ଅସୁରମାନଙ୍କୁ ଭୟ କରୁଥିଲେ ଓ ସେମାନଙ୍କୁ ସନ୍ତୋଷ କରିବାକୁ ନମ୍ର ବ୍ୟବହାର ସହ ସେମାନଙ୍କ ଅନୁଗତ ହୋଇ ରହୁଥିଲେ । ଯେପରି ସୁରକ୍ଷିତ ସ୍ଥାନରେ ଉପକାରୀ ପ୍ରକୃତି ବା ମାନବ କୁ ଦେବତା ରୂପେ ସନ୍ତୋଷ କରାଯାଉଥିଲା, ଏହି ଅସୁରକ୍ଷିତ ସ୍ଥାନରେ ମଧ୍ୟ ଅପକାରୀ ଅସୁର ମାନଙ୍କୁ ସନ୍ତୋଷ କରା ଯାଉଥିଲା ଓ ଅସୁର ମାନେ ତାଙ୍କର ଆରାଧ୍ୟ ଥିଲେ ।ଏମାନେ ସମସ୍ତେ ବ୍ରହ୍ମଙ୍କ ର ଏକ ଏକ ସ୍ୱରୂପ ଥିଲେ ।)

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# କିଶୋର ଆତ୍ମହତ୍ୟା କାହିଁକି ?

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍



ମନୋରଞ୍ଜନର ସମସ୍ତ ବ୍ୟବସ୍ଥା ଓ ପ୍ରତ୍ୟେକ ଆବଶ୍ୟକତା ପୂରଣ କରାଯିବା ପରେ ବି ଦିନକୁ ଦିନ କିଶୋର ବା ପିଲାମାନଙ୍କ ଆତ୍ମହତ୍ୟା ବଢ଼ିବାରେ ଲାଗିଛି, ଯାହା ଅତ୍ୟନ୍ତ ଦୁଃଖଦ ଓ ପରିତାପର ବିଷୟ । ପିଲାମାନଙ୍କ ଭିତରେ ଜୀବନ ପ୍ରତି ଏତେ ବିତୃଷ୍ଣାଭାବ କାହିଁକି ? ଛୋଟ ମୁଣ୍ଡ ଏତେ ଭାରାକ୍ରାନ୍ତ କାହିଁକି ହେଉଛି ? କାହିଁକି ପିଲାମାନେ ଏତେ ବଡ ସଂସାରରେ ନିଜକୁ ଏକାକୀ ଓ ଅନୁପଯୋଗୀ ମନେ କରି ଆତ୍ମହତ୍ୟାର ବାଟ ବାଛି ନେଉଛନ୍ତି ? ଛୋଟ ବୟସରେ ଧର୍ଯ୍ୟଚ୍ୟୁତ ହେବାର କାରଣ କଣ ! ଦାୟୀ କିଏ ? ଏକଥା ଆମେ କେବେ ଭାବି ନାହାନ୍ତି । କାହିଁକି କମ୍ ବୟସରେ ଏମିତି ଏକ ଭୟଙ୍କର ପଦକ୍ଷେପ ନେଇ, ଦୁନିଆ ଛାଡ଼ି ଦେଉଛନ୍ତି,ଏକଥା ବି ଅଭିଭାବକମାନେ ଗୁରୁତ୍ୱ ଦେଇ ବୁଝୁନାହାନ୍ତି ।

କେତେବେଳେ ପ୍ରେମ ଓ ପ୍ରତାରଣା ପାଇଁ ତ କେତେବେଳେ କୌଣସି ଭୁଲ ବା ଭୟର ଚାପ, କେତେବେଳେ କୁଅଭ୍ୟାସ ପାଇଁ ତ କେତେବେଳେ ବାପା ମାଆଙ୍କ ପଦେ ଗାଳିରେ ଦଉଡ଼ି ଲଗାଇ ଝୁଲି ପଡୁଛନ୍ତି ଛୋଟ ପିଲାମାନେ । ଦୁନିଆକୁ ଭଲ ଭାବେ ବୁଝିବା ଆଗରୁ ଦୁନିଆକୁ ବୋଝ ଭାବି ଚାଲି ଯାଉଛନ୍ତି । ଆମେ ବାପା ମାଆ ବା ଅଭିଭାବକ ହିସାବରେ ନିଜ କର୍ତ୍ତବ୍ୟରେ ଅବହେଳା ବା ଲାଳପାଳନରେ ତ୍ରୁଟି କରୁନାହେଁ ତ ? ଏ ପ୍ରଶ୍ନ ନିଜକୁ ପଚାରିବା ନିହାତି ଆବାଶ୍ୟକ ।

ପିଲାଟି ଦିନରୁ ଯଦି ସନ୍ତାନ ସହ ଅଧିକ ସମୟ ବିତାଇବା, ତାକୁ ବୁଝିବା, ଇଚ୍ଛା ନଥିଲେ ବି, ସମୟ ନଥିଲେ ବି ତା କଥାକୁ ଶୁଣିବା ଓ ପ୍ରତିକ୍ରିୟା ଦେବା, ତା'ର ଛୋଟ ଛୋଟ କାମକୁ ପ୍ରଶଂସା କରି ଉତ୍ସାହିତ କରିବା, ଭଲ ବନ୍ଧୁଟିଏ ଭଳି ଖୋଲାଖୋଲି କଥା ହେବା ଓ ଦୈନନ୍ଦିନ ଦିନଚର୍ଯ୍ୟାକୁ ରୁଟିନ ଅନୁସାରେ ଅତିବାହିତ କରିବାର ଅଭ୍ୟାସ କରାଇବା, ଆଧ୍ୟାତ୍ମ୍ୟ ଆଲୋଚନା ମାଧ୍ୟମରେ ସମ୍ପର୍କ, ପରିବାର, ଜୀବନ ଦର୍ଶନ, ଧର୍ଯ୍ୟ, ଶହନଶୀଳତା ଉପରେ ଜ୍ଞାନ ବୋଧ କରାଇ ଆମର ଦାୟୀତ୍ୱ ପ୍ରତିପାଦନ କରିବା ଏବଂ କେବଳ ଦିନଟିଏ ପାଇଁ ନୁହେଁ,ସବୁଦିନ ଏସବୁ ଅଭ୍ୟାସକୁ ହୃଦୟର ସହିତ ପ୍ରତିପାଦନ କରି ଆମେ ପିଲାର ହୃଦୟ ଜିଣି ତା ମାନସିକତାକୁ କୋମଳ,ବିନମ୍ର ଓ ସହଜ କରିପାରିବା, ତେବେ ହୁଏତ ପିଲାମାନେ ହତୋତ୍ସାହିତ ହେବେ ନାହିଁ ।

ପିଲାର ଅଜାଣତରେ ତାର ପ୍ରତି ଗତିବିଧିକୁ ଲକ୍ଷ୍ୟ କଲେ ନିଶ୍ଚୟ ସହଜରେ ପିଲାର ମାନସିକତା ଜାଣିହୁଏ ।ସେ କେଉଁ ପରିସ୍ଥିତି ଦେଇ ଗତି କରୁଛି, କେତେ ବିଚଳିତ ରହୁଛି, କେଉଁ ଭଳି ପିଲାଙ୍କ ସହ ସାଙ୍ଗ ହେଉଛି, ଏକା ରହିବାକୁ ଭଲ ପାଉଛି, ଅନ୍ୟମନସ୍କ ରହୁଛି,ଏକଥା ଜଣେ ମାଆ ହିଁ ଭଲ ଭାବେ ବୁଝି ପାରିବ, ଯଦି ସେ ସେ ତା ପିଲାର ସଂସ୍କାର ପ୍ରତି ଯତ୍ନଶୀଳା ଥିବ । ଯଦି ମାଆ ଗେହ୍ଲା ଆଳରେ ପିଲାକୁ ଆବଶ୍ୟକରୁ ଅଧିକ ଅର୍ଥ ଓ ସ୍ୱାଧୀନତା ଦେଇଦିଏ, ପିଲା ଯେତେବେଳେ ଯାହା ଚାହେଁ କୌଣସି ବାରଣ କରେନାହିଁ, କୁଆଡ଼େ ଗଲା, କାହା ସହିତ ମିଶିଲା, କେଉଁଠି କଣ କାଣ୍ଡ ଘଟାଇଲା, କିଶୋର ବୟସରେ ପାଠ ଛାଡ଼ି ପ୍ରେମ ପଛରେ ଧାଇଁଲା, ମଦ ପିଇଲା, ଜୁଆ ଖେଳିଲା ଏସବୁ ଜାଣି ମଧ୍ୟ ବାପା ମାଆ ଆକଟ କରିବା ବଦଳରେ ନୀରବ ରହି ସବୁ କୁଆଭ୍ୟାସକୁ ଏକ ପ୍ରକାର ପ୍ରୋତ୍ସାହନ ଦେଇ ଦିଅନ୍ତି । ଅନେକ ଅସାମାଜିକ ବ୍ୟକ୍ତିଙ୍କ କବଳରେ ରହି କିମ୍ବା କାହାର ଛଳନାକୁ ପ୍ରେମ ଭାବି ପ୍ରତାରଣା ପାଇବା ପରେ ଆତ୍ମହତ୍ୟାକୁ ହିଁ ଶେଷପନ୍ଥା ଭାବେ ବାଛି ନେଇଥାନ୍ତି ।

ପିଲାଟିକୁ ଉତ୍ତମ ଭାବେ ଗଢିବାର ଦାୟୀତ୍ୱ ଆମର, ଆମେ ଯଦି ସେତିକି ସମୟ ଦେଇ, ସ୍ନେହ ଦେଇ, ପିଲାକୁ ନିଜ ନିୟନ୍ତ୍ରଣରେ ନରଖିବା,ତାକୁ ଉତ୍ତମ ସଂସ୍କାର ନଦେବା, ସେ ତାର ସବୁ ସମସ୍ୟା ଆମ ସମ୍ମୁଖରେ ପ୍ରକାଶ କରିବ ନାହିଁ ଏବଂ କେତେବେଳେ ଆମ ପିଲା କେଉଁ କୁଚକ୍ରରେ ପଡ଼ିଯିବ ଆମେ ଜାଣି ପାରିବା ନାହିଁ । ଆମେ ଭଲ ବନ୍ଧୁଟିଏ ହୋଇ ପାରିଲେ ଆମ ପିଲା ଅନ୍ୟସରି ଭାବପ୍ରବଣତାର ଶୀକାର ହେବ ନାହିଁ ।ତେଣୁ ଜନ୍ମ ଦେବା ସହିତ, ତାର ଜୀବନ ସୁରକ୍ଷିତ ରଖିବାର ଦାୟୀତ୍ୱ ଆମର ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ଆଜିର କବିତା

### ନିଦ ଶୋଇଛି ଫୁଟପାଥରେ

ଶୁଭଦର୍ଶିନୀ ଦାଶ



ଉଆସ ଭିତରେ ଶାନ୍ତି ବ୍ୟତିରେକେ
ନିଦ ତ ଯାଇଛି ରୁଷି
ଔଷଧ ଦେଇ ବିକଳରେ ଡାକେ ତାକୁ
ଆ ଟିକେ ଶୋଇଯିବି, କିଛିକ୍ଷଣ ଶାନ୍ତିରେ ମୁଁହି,
ନିଦ ତେଣେ ଶୋଇଯାଇଛି
ଖଟିଖିଆ ଆଖିରେ
ରାସ୍ତାକଡ଼ ଫୁଟପାଥରେ ବେଫିକର ହୋଇ ।
ଶୋଇଛି ଏମିତି ନିଶ୍ଚିନ୍ତ ଚାଦର ଘୋଡେଇ,
ବାହାର ଦୁନିଆଟା ମୁକ ଅବା ସତେ ତା'ପାଇଁ
ସିଏ ତ ବଞ୍ଚୁଛି କେବଳ ଆଜିର ଚିନ୍ତାରେ
ଯାହାର ଅଧା ସିଏ ବଞ୍ଚି ସାରିଛି
କାଲିର ମାୟାରୁ ମୁକ୍ତହୋଇ
ଗତକାଲିକୁ ଯାଇଛି ପାସୋରି ।
ମୁକ୍ତ ହସ୍ତରେ, ମୁକ୍ତ ଆକାଶ ତଳେ
ସମ୍ପୂର୍ଣ୍ଣ ବଞ୍ଚୁଛି ନିଜ ଭିତରେ ମୁହୂର୍ତ୍ତର ସ୍ୱାଦ ନେଇ
ଏ ମୃତ୍ୟୁ ବି ହୁଏ ଭ୍ରମିତ ନିଶ୍ଚଳ ଭଙ୍ଗୀକୁ ଦେଖି
ଶୋଇଛି ନିଡର ହୋଇ ।
ଅପେକ୍ଷା ତ ଖାଲି କେବେ ଆସି ଛୁଇଁଯିବ
ଉଦିତ ସୂର୍ଯ୍ୟର ପହିଲି କିରଣ
ଉଠିଯିବ ଯଦି
ପୁଣି ଆଜିରେ ବଞ୍ଚିବ ଆଜିକୁ ଆପଣାଇ
ମୁକ୍ତ ଆକାଶ ତଳେ
ଶୋଇଯିବ ଆଜି ରାତିରେ
ନିଶ୍ଚିନ୍ତ ଚାଦର ଘୋଡାଇ ।

+ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

# ଦୁର୍ଗାପୂଜା ଶାନ୍ତି କମିଟି ବୈଠକ

ଝାରସୁଗୁଡ଼ା, ୧୧/୧୦ (ନି.ପ୍ର): ଆଗାମୀ ଦୁର୍ଗାପୂଜା ଉପଲକ୍ଷେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳାର ପାଳନ ଦିଗରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସମସ୍ତ ପୂଜା କମିଟି କର୍ମକର୍ତା ମାନଙ୍କର ସହଯୋଗ କାମନା କରିଛନ୍ତି। ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରାସ୍ତାଘାଟ ମରାମତି, ପାନୀୟ ଜଳ ଯୋଗାଣ, ଆବଶ୍ୟକ ସ୍ଥଳେ ବେରିକେଡ,ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆନୁସଙ୍ଗିକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୂଜା ପ୍ୟାଣ୍ଡେଲଗୁଡ଼ିକରେ ସୁରକ୍ଷା ସମ୍ପର୍କିତ ସମସ୍ତ ପଦକ୍ଷେପ ଗ୍ରହଣ ପାଇଁ କମିଟିକୁ ପରାମର୍ଶ ଦିଆଯାଇଛି। ନିୟମାନୁଯାୟୀ ବିଦ୍ୟୁତ ସଂଯୋଗ, ଡ଼ାକବାଜି ଯନ୍ତ୍ର ବ୍ୟବହାର ଦିଗରେ କମିଟିମାନେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପୂଜା କମିଟି ଗୁଡ଼ିକ ଡ଼ାକବାଜି ଯନ୍ତ୍ର, ବିଦ୍ୟୁତ ସଂଯୋଗ, ଭସାଣି ପାଇଁ ଆବଶ୍ୟକୀୟ ଲାଇସେନ୍ସ ଆବେଦନ ସହ ସମ୍ପୃକ୍ତ ଅଧିକାରୀଙ୍କ ନିକଟରୁ ଅନୁମତି ପତ୍ରର ନକଲ ରଖିବାକୁ କୁହାଯାଇଛି। ସମସ୍ତ ପୂଜା କମିଟି ସ୍ୱେଚ୍ଛାସେବୀ ମୁତୟନ ସହ ଏମାନଙ୍କର ଯୋଗାଯୋଗ ନମ୍ବର ସମ୍ପୃକ୍ତ ଥାନା ଅଧିକାରୀଙ୍କ ଜଣାଇବାକୁ କୁହାଯାଇଛି। ପୂଜା ସମୟରେ ବିଭିନ୍ନ ମାଦକ ଦ୍ରବ୍ୟ ଉପରେ କଟକଣା ଲାଗୁ କରାଯାଇଛି। ଆସନ୍ତା ଅକ୍ଟୋବର୨୫, ୨୬ ଓ ୨୭ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବାକୁ ବୈଠକରେ ସ୍ଥିର କରାଗଲା। ରାବଣ ପୋଡ଼ି ଉତ୍ସବ ଯେପରି ଶାନ୍ତି ଶୃଙ୍ଖଳା ର ସହ ଆୟୋଜିତ ହେବ ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ଅତ୍ୟୁଚ୍ଚ ସମ୍ପନ୍ନ ଡ଼ାକବାଜି ଯନ୍ତ୍ର ବ୍ୟବହାର ନକରିବାକୁ ବାରଣ କରାଗଲା। ବାଣ, ଫୋଟକା ଆଦି ଫୁଟାଇବା ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଶାନ୍ତି କମିଟି ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ, ପୁଲିସ ବିଭାଗର ଅଧିକାରୀ, ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କ ସମେତ ପୂଜା କମିଟି ମାନଙ୍କର କର୍ମକର୍ତା ମାନେ ଉପସ୍ଥିତ ଥିଲେ।

# ଚମ୍ପୁଆ ବ୍ଲକ କାର୍ଯ୍ୟାଳୟଠାରେ ଆମ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମ

ଚମ୍ପୁଆ, ୧୧/୧୦ (ନି.ପ୍ର): ନୂଆ ଓଡିଶା ସଶକ୍ତ ଓଡିଶା ଗଠନର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାରଙ୍କର ମହତ୍ୱକାଂକ୍ଷୀ ଯୋଜନା 'ଆମ ଓଡିଶା ନବୀନ ଓଡିଶା' ଆଜି ଠାରୁ ଆରମ୍ଭ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମର ଫୋକସ୍ ପ୍ରତି ଗାଁ, ପ୍ରତି ପଞ୍ଚାୟତରେ ହେବ। ଆଜି ପ୍ରଥମ ଦିନରେ ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝରର ଓ ଭଦ୍ରକ ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ସାରା ରାଜ୍ୟରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ପାଇଁ ୩୩୯୭ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏଥିରେ ରାଜ୍ୟର ୬୭୯୪ଟି ପଞ୍ଚାୟତ ସାମିଲ ହେବେ। ସାରା ରାଜ୍ୟରେ ୯୦୭୨୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ପ୍ରତି ଗାଁ ପାଇବେ ୫୦ ଲକ୍ଷ ଟଙ୍କା। ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତି, ଓଡିଶା ସଂସ୍କୃତିର ମୂଳ ଭିତ୍ତିକୁ ସୁଦୃଢ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ବିକାଶ କରାଯିବ। ଏକ ଆକାଂକ୍ଷୀ ଓଡିଶା ଗଠନ ପାଇଁ ଏହା ହେବ ମୂଳ ଭିତ୍ତି। ଆମର ସୁଦୃଢ ସାଂସ୍କୃତିକ ଭିତ୍ତିଭୂମିରୁ ଆଧୁନିକ ବୈଷୟିକ ଜ୍ଞାନର ବିସ୍ତୃତ ଦିଗ୍?ବଳୟକୁ ଛୁଇଁବା ନିମନ୍ତେ ନୂଆ ଓଡିଶା ତାର ଡେଣାକୁ ପ୍ରସାରିତ କରିବ ଏବଂ ଗଢିବ ଆମ ଓଡିଶା ନବୀନ ଓଡିଶା। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିଜ ଅଭିଭାଷଣରେ ଓଡିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍?ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା। ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧର ମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଗାଁ ରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଗାଁରେ ଇଣ୍ଟରନେଟ୍? ସଂଯୋଗ ମିଳିବ। ବିଜ୍ଞାନ ପାର୍କ ହେବ। ଦକ୍ଷତା ବିକାଶ କେନ୍ଦ୍ର ହେବ। ଏହା ଆମର ଯୁବ ସମାଜ ପାଇଁ, ମା ମାନଙ୍କ ପାଇଁ, ଚାଷୀ ଭାଇ ଭଉଣୀ ମାନଙ୍କ ପାଇଁ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅମାପ ସୁଯୋଗ ଆଣିବ ଏବଂ ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡିଶାର ପରିଚୟକୁ ଆହୁରି ଉଜ୍ଜଳ କରିବ। ଏହି ନୂଆ ଓଡିଶାରେ ଆମର ଭିତ୍ତିଭୂମି ହେବ ସୁଦୃଢ ଓ ଡେଣା ହେବ ଶକ୍ତ ଏବଂ ଆକାଂକ୍ଷୀ ଓଡିଶା ପରିକଳ୍ପନା ସାକାର ରୂପ ପାଇବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦୁଝରର ୬ଟି ନିର୍ବାଚନ ମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମ ରେ ବିପୁଳ ଜନସମାଗମ ହୋଇଥିଲା। ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ କେନ୍ଦୁଝରର ୬ଟି ନିର୍ବାଚନ ମଣ୍ଡଳୀର ୨୯୭ଟି ଗ୍ରାମ ପଞ୍ଚାୟତର ୩୫୬୮ଟି ପ୍ରକଳ୍ପ ପାଇଁ ୧୪୮ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଏହି ଆଭାସି କାର୍ଯ୍ୟକ୍ରମ କୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ବିଶାଳ ଏଲସିଡ଼ିର ବ୍ୟବସ୍ଥା କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମ ରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଚମ୍ପୁଆ ଉପ ଜିଲ୍ଲାପାଳ ସୁକାନ୍ତ ମାଝୀ , ଚମ୍ପୁଆ ବିଜ୍ଞାପିତ ପରିଷଦ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେଶ ନାୟକ, ଚମ୍ପୁଆ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ଚମ୍ପୁଆ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଓ ଜନ ସାଧାରଣ ଯୋଗ ଦେଇଥିଲେ।

# ଯୁବକଙ୍କ ରକ୍ତାକ୍ତ ମୃତ ଦେହ ଉଦ୍ଧାର : ପୋଲିସର ତଦନ୍ତ ଜାରି

ଚମ୍ପୁଆ, ୧୧/୧୦ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଥାନା ଅନ୍ତର୍ଗତ ଯୋଡ଼ା କଳା ପାହାଡ଼ ନିକଟରେ ଥିବା ଏକ ଟିଣ ଘରୁ ଯୋଡ଼ା ପୋଲିସ ଏକ ଯୁବକଙ୍କ ରକ୍ତାକ୍ତ ମୃତ ଦେହ ଉଦ୍ଧାର କରିଥିବାବେଳେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହାଣି ନିର୍ମମ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଛି। ମୃତକ ଯୋଡ଼ା ଥାନା ଅଂଚଳର ୪୫ ବର୍ଷୀୟ ପ୍ରଦୀପ କୁମାର ବେହେରା ଓରଫ ନେତା ବୋଲି ଜଣା ପଡିଛି। ଗତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ନେତାଙ୍କୁ କିଏ ଏବଂ କାହିଁକି ହତ୍ୟା କରିଛି ସେନେଇ ତଦନ୍ତ ଜାରି ରଖି ଥିବାବେଳେ ହତ୍ୟାକାଣ୍ଡ ଘଟାଇଥିବା ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରା ଉଚୁରା ଚଳାଇଛି ଯୋଡ଼ା ପୋଲିସ। ସୂଚନା ଅନୁଯାୟୀ, ପ୍ରଦୀପ କୁମାର ବେହେରା ଓରଫ ନେତାଙ୍କ ପରିବାର କେନ୍ଦୁଝରରେ ରହୁ ଥିବାବେଳେ, ସେ ଏକାକୀ ଯୋଡ଼ାରେ ରହୁଥିଲେ। ଯୋଡ଼ା କଳାପାହାଡ଼ ନିକଟରେ ସେ ଟିଣରେ ଏକ ଘର ତିଆରି କରି ରହିଆସୁଥିଲେ। ଆଜି ସକାଳୁ ନେତାଙ୍କ ଜଣେ ସାଙ୍ଗ ତାଙ୍କୁ ଡାକିବାକୁ ଆସି ଘର ଭିତରେ ତାଙ୍କର ରକ୍ତାକ୍ତ ମୃତଦେହ ପଡ଼ିଥିବାର ଦେଖି ସ୍ଥାନୀୟ ଲୋକଙ୍କୁ କହିବା ସହିତ ଯୋଡ଼ା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଯୋଡ଼ା ପୋଲିସ ଘଟଣା ସ୍ଥଳରେ ପହଂଚି ସାଇଂଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିବା ଜଣା ପଡିଛି। ଗତ ରାତିରେ ଏହି ହତ୍ୟାକାଣ୍ଡ ଘଟି ଥିବାବେଳେ, ନେତା ଙ୍କ ମୁଣ୍ଡକୁ ହାଣି ହତ୍ୟା କରାଯାଇଥିବା ଜଣାପଡ଼ିଛି। ଘର ଭିତରେ ଥିବା ଏକ ବାଲ୍ଟିକୁ ଜବତ୍ କରିବା ସହିତ ଅନ୍ୟାନ୍ୟ ନମୁନା ସଂଗ୍ରହ କରିଛି ସାଇଂଟଫିକ ଟିମ୍। ହତ୍ୟାକାରୀ ହତ୍ୟାକାଣ୍ଡ ଭିଆଇବା ପରେ ରକ୍ତଭିଜା ହାତ ଏହି ବାଲ୍ଟିରେ ଧୋଇଥିବା ଅନୁମାନ କରାଯାଉଛି। ପୋଲିସ୍ ମୃତ ଦେହକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତଦନ୍ତ ଜାରୀ ରଖିଛି।

# ଓସାକା ହାଇଦ୍ରାବାଦ୍‌ର ପାରମ୍ପାରିକ ଶୈଳୀରେ ନୂଆଁଖାଇ ଭେଟ୍‌ଘାଟ୍ ଆୟୋଜିତ

ବଲାଙ୍ଗୀର, ୧୧/୧୦ (ନି.ପ୍ର): ହାଇଦ୍ରାବାଦ ସ୍ଥିତ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଅଗ୍ରଣୀ ସଂଗଠନ "ପଶ୍ଚିମ ଓଡ଼ିଶା ସାମାଜିକ ଆରୁ ସାଂସ୍କୃତିକ ଅନୁଷ୍ଠାନ"(ଓସାକା) ତରଫରୁ ଧୂମ୍‌ଧାମ୍‌ରେ ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହୋଇଯାଇଛି। ବଂଜାରା ହିଲ୍‌ସ ସ୍ଥିତ କୁମ୍‌ରାମ ଭୀମୁ ଭବନ ଠାରେ ଆଠ ଅକ୍ଟୋବର ଦିନ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡିଶା ସରକାର ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ମଧ୍ୟ ସହଯୋଗ କରାଯାଇଥିଲା। ପଶ୍ଚିମ ଓଡିଶାର ଆଦିବାସୀ ସଂସ୍କୃତିର ଝଲକ ସହ ଧରିତ୍ରୀ ମାତା ପୂଜା ପାଇଁ ମହିଳାମାନଙ୍କ ଶୋଭାଯାତ୍ରାବେଳେ ବିଶେଷ ଆକର୍ଷଣୀୟ ଥିଲା ପ୍ରଥମ ଥର ପାଇଁ "ଛତ୍ର" ପ୍ରଦର୍ଶନ। ମା' ସମଲେଇ, ପାଟଣେଶ୍ୱରୀ, ମାଣିକେଶ୍ୱରୀ, ସୁରେଶ୍ୱରୀଙ୍କ ସମେତ ଇଷ୍ଟଦେବାଦେବୀଙ୍କ ପୂଜାର୍ଚ୍ଚନା ପରେ ସମସ୍ତେ ତଳେ ବସି ପ୍ରାକୃତିକ ପତ୍ର ଖଲିରେ ନୂଆଁଖାଇ ଚୁରାକୁଣା ପ୍ରସାଦ ସେବନ ଲୋକଙ୍କ ଭିତରେ ଏକ ଆବେଗପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ସହ ସମାନତାର ଭାବ ଭରିଦେଇଥିଲା। ଓସାକାର ସଭାପତି ରାମକୃଷ୍ଣ ବାରିକଙ୍କ ପ୍ରାରମ୍ଭିକ ନୂଆଁଖାଇ ବାର୍ତା ପରେ ପରେ ଆଦିବାସୀ ଲୋକନୃତ୍ୟ ଘୁଡ଼୍‌କା, ଢାପ୍, ଡାଲ୍‌ଖାଇ ଆଦି ପରିବେଷଣ କରିଥିଲେ ଜାତୀୟ ସ୍ତରରେ ପୁରସ୍କୃତ ବଲାଙ୍ଗୀରର ଦୁଲ୍‌ଦୁଲି କଳାପରିଷଦ। ବରିଷ୍ଠ କଳାକାର ନବୀନ କୁଅଁରଙ୍କ କଣ୍ଠରେ ପୁରୁଣା ସମ୍ବଲପୁରୀ ଗୀତ ଲୋକଙ୍କ ମଧ୍ୟରେ ଶିହରଣ ସୃଷ୍ଟି କରିଥିଲା। ସମ୍ବଲପୁରରୁ ଆସିଥିବା ଯୁବକଳାକାର ପଦ୍ମଶ୍ରୀ ଖଟେଇ, ପୁଷ୍ପରାଜ ସୁନା ଏବଂ ଚେତନାମୟୀ ବେହେରାଙ୍କ ଗୀତର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ। ଏହି ଅବସରରେ ଓସାକାର ସ୍ମରଣୀକା "ମାଟିର ମହକ୍" ମଧ୍ୟ ଉନ୍ମୋଚିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ସଂଯୋଜନା କରିଥିଲେ ବହୁମୁଖୀ ପ୍ରତିଭା ଅର୍ଜୁନ ସାହୁ ଏବଂ ଉଦୀୟମାନ କଳାକାର ମାନସୀ ସାହୁ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ଆଧାରିତ କୁଇଜ ପ୍ରତିଯୋଗିତା ସହ ସମ୍ବଲପୁରୀ ବସ୍ତ୍ରର ପ୍ରଚାର ପାଇଁ ଷ୍ଟଲ ମଧ୍ୟ ଲାଗିଥିଲା। ଶିଶୁମାନଙ୍କୁ ଉତ୍ସାହିତ ପାଇଁ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରାଯାଇଥିଲା। ବରଗଡ଼ରୁ ଆସିଥିବା ଖାଦ୍ୟ ପ୍ରସ୍ତୁତି ଦଳ ଜୀବର୍ଦ୍ଧନ ମହାପାତ୍ର ଓ ସାଥୀଙ୍କ ଦ୍ୱାରା ପ୍ରସ୍ତୁତ ପଶ୍ଚିମ ଓଡ଼ିଶାର ପାରମ୍ପାରିକ ଖାଦ୍ୟ ବେଶ୍ ପ୍ରଶଂସନୀୟ ହୋଇଥିଲା। ସମସ୍ତ କଳାକାର ଓ ସହଯୋଗୀଙ୍କୁ ଓସାକା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସମୟରେ ହୋଇଥିବା ସମ୍ବଲପୁରୀ ଗୀତର ନନ୍‌ଷ୍ଟପ୍ ଧମାକାରେ ସମସ୍ତ ଦର୍ଶକଙ୍କ ନୃତ୍ୟ ଏକ ରେକର୍ଡ଼ ସୃଷ୍ଟି କରିଥିଲା। ସକାଳ ଦଶଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରାୟ ସାତ ଶହ ପରିବାର ଯୋଗ ଦେଇଥିଲେ।

## ମାନସିକ ସ୍ୱାସ୍ଥ୍ୟ ପ୍ରତ୍ୟେକ ମଣିଷର ଅଧିକାର

କେନ୍ଦ୍ରାପଡ଼ା, ୧୧/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ପ୍ରତ୍ୟେକ ମଣିଷର ଅଧିକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମିର୍ଜା ବାବର ବେଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଏଡିଇଓ ପ୍ରକାଶ ଚନ୍ଦ୍ର ପରିଡା, ଏଏନ୍‌ଏମ ଅନୁଷ୍ଠାନର ଅଧ୍ୟକ୍ଷ ଭାରତୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମାନସିକ ରୋଗ ସଂପର୍କରେ ପ୍ରତ୍ୟେକ ଦିନ ଆଉଟ ଡୋର ରେ ଦୁଇ ଜଣ ବିଶେଷଜ୍ଞ ଡାକ୍ତର ପରାମର୍ଶ ଦେଉଛନ୍ତି। ଏଥି ସହିତ ଦେୟ ମୁକ୍ତ ଟୋଲ୍ ଫି ନମ୍ବର ୧୪୪୧୬ ର ବ୍ୟବସ୍ଥା କରାଯାଇଛି। ସବୁବେଳେ ମସ୍ତିଷ୍କକୁ ଥଣ୍ଡା ରଖିବା, ଧୀରସ୍ଥିର ଭାବରେ କଥାବାର୍ତା କରିବା ପ୍ରଭୃତି ସଂପର୍କରେ ଆଲୋଚନା କରାଯାଇ ଥିଲା। କୌଣସି ପ୍ରକାର ମାନସିକ ଅସୁବିଧା ଅନୁଭବ କଲେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆଉଟ ଡୋର ରେ ବସୁଥିବା ଦୁଇ ଜଣ ମାନସିକ ବିଶେଷଜ୍ଞ ଡାକ୍ତରଙ୍କ ସହିତ ପରାମର୍ଶ କରିପାରିବେ ବୋଲି ବିଭାଗୀୟ ଅଧିକାରୀ ଶାନ୍ତିଲତା ଚାନ୍ଦ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ହାଇସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ ଥିଲା। ଏଥିରେ ପୁରସ୍କୃତ ହୋଇଥିବା ଛାତ୍ରୀ ମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମ୍ମାନିତ କରାଯାଇଛି।

# ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ବଲାଙ୍ଗୀର, ୧୧/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ତାଲିମ କେନ୍ଦ୍ର ରେ ଏ. ଡି. ଏମ. ଅଞ୍ଜଳିନା ପଧାନଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇ ଯାଇଛି ଓ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱରଞ୍ଜନ ପତି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡା. ଦୁର୍ଗାଦତ ଦାସ,ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ଏଫ୍ ଡବ୍ଲୁ )ଡା. ଦୈତ୍ୟ ନାରାୟଣ ପାଢ଼ୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ଡିସି )ଡା. ରମେଶ ଚନ୍ଦ୍ର ସ୍ୱାଇଁ,ଜିଲ୍ଲା ସଂଯୋଜକ ବିଶ୍ୱମ୍ବର ବେହେରା ପ୍ରମୁଖ ସମ୍ମାନିତ ଅତିଥି ମଂଚାସିନ ଥିଲେ ଓ ଅତିଥିମାନେ ବିଶ୍ୱ ମାନସିକ ଦିବସ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇ ମାନସିକ ରୋଗ ବିଷୟରେ ସଚେତନତା ସୃଷ୍ଟି କରି ଆତ୍ମ ବିଶ୍ୱାସ, ଧୈର୍ଯ୍ୟ ଓ ସହନଶୀଳତା ହିଁ ସମାଧାନର ସୂତ୍ର, ଆସନ୍ତୁ ପାରିବାରିକ ଓ ସାମାଜିକ ସମ୍ପର୍କକୁ ସୁସ୍ଥ ଓ ସୁଦୃଢ କରି ସମସ୍ତଙ୍କ ପାଖରେ ବିଶ୍ୱାସ ଭାଜନ ପୂର୍ବକ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୋଇ ପାରିବା ବୋଲି କହିବା ସହିତ ଆଇନ ସେବାର ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ ଓ ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା ଓ ଉକ୍ତ ସଭାରେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଡିଏମଏଚପି ସୁପରଭାଇଜର ଅନୁପରଞ୍ଜନ ଦାସ, ରେଆର ପ୍ରତିନିଧି ମନୋଜ କୁମାର ସ୍ୱାଇଁ, ସି ପି ଟୀକରାମ ପଟେଲ ଏବଂ ପି ଏସ୍ ଡବ୍ଲୁ ଶିବକର୍ମୀ ସହଯୋଗ କରିଥିଲେ ଓ ପ୍ରଥମେ ଏକ ରାଲି ସହର ପରିକ୍ରମା କରି ଅତିଥି ବୃନ୍ଦ ୧୦ ଜଣ କୃତି ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ଓ ସଭାରେ ସୋନପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ମକର୍ତା, ରେଆର କର୍ମକର୍ତା, ଏ ଏନ୍ ଏମ୍ ତାଲିମ କେନ୍ଦ୍ର ଛାତ୍ରୀ ବୃନ୍ଦ, ଆଶା, ସ୍ୱାସ୍ଥ୍ୟ ଅଧିକାରୀ ବୃନ୍ଦ ଓ ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ ଓ ଶେଷରେ ସହ ପରିଚାଳକ ଅଣ ସଂକ୍ରାମକ ରୋଗ ଗୀତାଞ୍ଜଳି ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।

# ସିକ୍କିମ୍ ବନ୍ୟାରେ ଏବେବି ନିଖୋଜ କାଲିମେଳା ଅଂଚଳର ଯୁବ ଇଞ୍ଜିନିୟର

ମାଲକାନଗିରି, ୧୧/୧୦ (ନି.ପ୍ର): ସିକ୍କିମ୍ ବନ୍ୟାରେ ଏବେବି ନିଖୋଜ କାଲିମେଳା ଅଂଚଳର ଜଣେ ଯୁବ ଓଡ଼ିଆ ଇଞ୍ଜିନିୟର। ସପ୍ତାହେ ହେବ ନିଖୋଜ ଥିବା ଏହି ଯୁବ ଓଡ଼ିଆ ଇଞ୍ଜିନିୟର ହେଉଛନ୍ତି ଏମଭି-୬୨ ଗାଁର ମିଠୁ ମହାଜନଙ୍କ ପୁଅ କିଶୋର ମହାଜନ। ଗତ ୩ ତାରିଖ ଅପରାହ୍ଣ ଠାରୁ ତାଙ୍କର କୌଣସି ଖୋଜ ଖବର ମିଳୁନଥିବାରୁ ଚିନ୍ତାରେ ଏବେ ପୁରା ପରିବାର। କିଶୋର ହାଇଦ୍ରାବାଦର ଗ୍ରୀନ ଲାଇନ ସୋଲାର ଏନର୍ଜି ନାମକ ଏକ କମ୍ପାନୀରେ ପ୍ରୋଜେକ୍ଟ ଇଞ୍ଜିନିୟର ଭାବେ ଚାକିରି କରୁଥିଲେ। ଗତ ଏକ ମାସ ହେଲା କମ୍ପାନୀ କାମରେ ସିକ୍କିମ୍ ଯାଇଥିଲେ। ସିକ୍କିମର ଲୋଚନ ଘାଟିରେ ଥିବା ଆଇଟିବିପି ଯବାନଙ୍କ କ୍ୟାମ୍ପରେ ରହିଥିବା ପରିବାରକୁ ଜଣାଇଥିଲେ କିଶୋର। ପରେ ସେଠାରେ ବନ୍ୟା ସ୍ଥିତି ଘଟିଥିବା ଟିଭିରେ ଖବର ଜାଣିବା ପରେ ପୁଅ ପାଖକୁ ଫୋନ କରିଥିଲେ ପରିବାର ଲୋକ। ହେଲେ ଫୋନ୍ ବନ୍ଦ ଥିବାରୁ ଆଜି ପର୍ଯ୍ୟନ୍ତ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ ବୋଲି କହିଛନ୍ତି କିଶୋରଙ୍କ ବାପା। କମ୍ପାନୀକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ସଠିକ୍ ସୂଚନା ଦେଉନଥିବାରୁ ଚିନ୍ତାରେ ଅଛନ୍ତି ପରିବାର ଲୋକ। ଗତକାଲି ମାଲକାନଗିରି ଏସପିଙ୍କୁ ସାକ୍ଷାତ କରି ପୁଅର ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି ବାପା। ଦିନେ ଦୁଇଦିନ ଭିତରେ ଅନୁସନ୍ଧାନ କରି ନିଖୋଜ ଯୁବ ଇଞ୍ଜିନିୟରଙ୍କ ସମ୍ପର୍କରେ ଖବର ଦେବେ ବୋଲି ଏସପି ପ୍ରତିଶ୍ରୁତି ଦେଇଥିବାର କହିଛନ୍ତି ବାପା ମିଠୁ ମହାଜନ।

# ଗ୍ୟାସ ଟାଙ୍କି ବିସ୍ଫୋରଣ ଓ ଅଗ୍ନିକାଣ୍ଡ ଘଟଣାରେ ଆଉ ଜଣକର ମୃତ୍ୟୁ

କୋରେଇ, ୧୧/୧୦ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ବଡ଼ବିରୁହାଁ ପଂଚାୟତର ପ୍ରଧାନସାହିରେ ଘଟିଥିବା ରନ୍ଧନ ଗ୍ୟାସ ଟାଙ୍କି ବିସ୍ଫୋରଣରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ବୋହୁ ମଧୁସ୍ମିତାଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ଆଜି ଶାଶୁ ଆରତୀ (୬୪)ଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। ପ୍ରକାଶ ଯେ ଗତ ୦୨ ତାରିଖ ଦିନ ସକାଳ ୧୧.୩୦ ସମୟରେ ଗ୍ରାମର କମଳାକାନ୍ତ ସ୍ୱାଇଁ(୪୩)ଙ୍କ ଘରକୁ ସ୍ଥାନୀୟ କଳକୀ ଇଣ୍ଡେନ ଡ଼ିପୋରୁ କମ୍ପାନୀର ଗାଡ଼ି ସିଲିଣ୍ଡର ଦେବାକୁ ଆସିଥିଲା। ମାତ୍ର ସିଲିଣ୍ଡରର ବୈଷୟିକ ତ୍ରୁଟି ଯୋଗୁଁ ତାହାର ସିଲ ଖୋଲି ରେଗୁଲେଟର ଲଗାଇବା ବେଳେ ସେଥିରୁ ଗ୍ୟାସ ନିର୍ଗତ ହୋଇଥିଲା। ଉକ୍ତ ସମୟରେ ଘରେ ରନ୍ଧନ କାର୍ଯ୍ୟ ଚାଲୁ ରହିଥିବାରୁ ଗ୍ୟାସର ପ୍ରଭାବରେ ଘର ସାରା ନିଆଁ ଲାଗିଯାଇଥିଲା। ଉକ୍ତ ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବ ପତ୍ର ପୋଡ଼ି ଯିବା ସହିତ ରୋଷେଇ ଘରେ ଥିବା କମଳାକାନ୍ତଙ୍କ ମାଆ ଆରତୀ(୬୪) ,ପତ୍ନୀ ମଧୁସ୍ମିତା(୩୫) ପୋଡ଼ି ହୋଇଯାଇଥିଲେ। ତାଙ୍କର ଚିତ୍କାର ଶୁଣି କମଳାକାନ୍ତଙ୍କ ସମେତ ପଡ଼ୋଶୀ ଶରତ ମହାପାତ୍ର(୫୬) ବିଦ୍ୟାଧର ସାହୁ (୩୮),ଦୟାନିଧି ପଣ୍ଡା(୪୦) ଉଭୟ ଶାଶୁ ଓ ବୋହୁଙ୍କୁ ବଂଚାଇବାକୁ ଯାଇ ନିଆଁରେ ପୋଡ଼ି ହୋଇ ଆହତ ହୋଇଥିଲେ। ଉକ୍ତ ସମୟରେ ବାହାରେ ଖେଳୁଥିବା ବିଦ୍ୟାଧରଙ୍କ ପୁଅ ପାର୍ଥ(୦୬) ଘର ଭିତରକୁ ଦୌଡ଼ି ଆସିବାରୁ ସେ ମଧ୍ୟ ନିଆଁରେ ପୋଡ଼ି ହୋଇ ଯାଇଥିଲା। ଗ୍ରାମବାସୀ ମାନେ ସମସ୍ତ ଆହତ ମାନଙ୍କୁ ଉଦ୍ଧାର କରି ଯାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ ମଧ୍ୟ ସେମାନଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ମଧୁସ୍ମିତାଙ୍କର ଶରୀରର ୮୦ ଶତକଡ଼ା ପୋଡ଼ି ହୋଇଯାଇଥିବାରୁ ଗତ ୫ ତାରିଖ ଦିନ ତାଙ୍କର କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତେବେ ଆଜି ଆରତୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ସମ ହସପିଟାଲକୁ ସ୍ଥାନାନ୍ତରିତ କରିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବା ପରେ ଗ୍ରାମକୁ ଅଣାଯାଇ ସତ୍କାର କରାଯିବ ବୋଲି ଜଣାପଡ଼ିଛି। ଉକ୍ତ ଅଗ୍ନିକାଣ୍ଡରେ ପୋଡ଼ି ହୋଇଯାଇଥିବା କମଳାକାନ୍ତ, ଶରତ,ବିଦ୍ୟାଧର ଓ ଦୟାନିଧିଙ୍କ ଚିକିତ୍ସା ଚାଲୁ ରହିଛି।

# ୫ ବର୍ଷ ପରେ ବି ଅସମ୍ପୂର୍ଣ୍ଣ କୃଷ୍ଣପ୍ରସାଦ ବ୍ଲକ୍‌ର ବସୁଧା ପ୍ରକଳ୍ପ: ଏବେ ବି ଅପହଞ୍ଚ ପିଇବା ପାଣି



ପୁରୀ, ୧୧/୧୦ (ନି.ପ୍ର): ପୁରୀ ଜିଲ୍ଲାର ଦ୍ୱିପାଞ୍ଚଳ କୁହାଯାଉଥିବା କୃଷ୍ଣପ୍ରସାଦ ବ୍ଲକ୍‌ରେ ପହଞ୍ଚିବ ମଧୁର ଜଳ। ବସୁଧା ଯୋଜନାରେ ଏହି ମେଗା ପାନୀୟ ଜଳ ପ୍ରକଳ୍ପ ସ୍ୱପ୍ନ ଦେଖାଇଥିଲେ ରାଜ୍ୟ ସରକାର। ଚିଲିକାର ଲୁଣିପାଣି ଘେରରେ ଥିବା କୃଷ୍ଣପ୍ରସାଦ ବ୍ଲକ୍‌ର ତିତିପ ଚାରିଛକ ଗୋମୁଣ୍ଡିଆ ଖେଳ ପଡ଼ିଆଠାରେ ୫ ବର୍ଷ ତଳେଏହି ମେଗା ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ପଡ଼ିଥିଲା। ହେଲେ ଏପର୍ଯ୍ୟନ୍ତ ପ୍ରକଳ୍ପ ପୂର୍ଣ୍ଣରୂପ ନେଇପାରିନି। ଫଳରେ ପୂର୍ବଭଳି ଲୁଣି ପାଣିକୁ ପିଇନପାରି କୃଷ୍ଣପ୍ରସାଦର ଲୋକେ ବୋତଲ ପାଣି, ନଚେତ୍ ଦୂଷିତ ପୋଖରୀର ପାଣି ବ୍ୟବହାର କରୁଛନ୍ତି। ୨୦୧୮ ନଭେମ୍ବର ୨୨ ତାରିଖରେ ବସୁଧା ଯୋଜନାରେ ମେଗା ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିଲେ। ଏହି ପ୍ରକଳ୍ପ ଜରିଆରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ୧୪ଟି ପଞ୍ଚାୟତର ୯୨ଟି ଗାଁ ଓ ଗଞ୍ଜାମ ଜିଲ୍ଲାର କିଛି ଗାଁ ପ୍ରାୟ ୪ଲକ୍ଷ ଲୋକଙ୍କୁ ପିଇବା ପାଣି ଯୋଗାଣର ଲକ୍ଷ୍ୟ ଥିଲା। ଋଷିକୁଲ୍ୟା ନଦୀର କଂସାରୀ ଗଣ୍ଡରୁ ପାଇପ ଯୋଗେ ପାଣି ଆଣି ବିଶୋଧନ ପରେ ଉଭୟ କୃଷ୍ଣପ୍ରସାଦ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗାଁରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିଲା। ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, କେବଳ କୃଷ୍ଣପ୍ରସାଦ ବ୍ଲକ୍‌ରେ ପାନୀୟ ଜଳଯୋଗାଣ ପାଇଁ ୫୦.୫୬ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ପରେ ହାଇଦ୍ରାବାଦର ଏକ ଠିକା ସଂସ୍ଥାକୁ ଏହି ପ୍ରକଳ୍ପର କାର୍ଯ୍ୟାଦେଶ ଦିଆଯାଇଥିଲା। କାର୍ଯ୍ୟାଦେଶ ଚୁକ୍ତିନାମା ଅନୁଯାୟୀ, ୨୦୧୮ ଅଗଷ୍ଟ ୨୮ରୁ କାମ ଆରମ୍ଭ ଓ ୨୦୨୦ ଅଗଷ୍ଟ ୨୭ରେ କାମ ଶେଷ କରିବାର ଥିଲା। କିନ୍ତୁ ଠିକାଦାର ଇଥିମଧ୍ୟରେ ତିନି ତିନି ଥର କାମ ଶେଷ ଅବଧି ବଦଳାଇ ସାରିଲେଣି।

କାର୍ଯ୍ୟାଦେଶ ଅନୁଯାୟୀ ୨୦୨୦ ଅଗଷ୍ଟ ୨୭ ପରେ ୨୦୨୨ ଡିସେମ୍ବର ସୁଦ୍ଧା ପ୍ରକଳ୍ପ କାମ ସାରିଦେବାକୁ ଠିକା ସଂସ୍ଥା ଆବେଦନ କରିଥିଲା। ରାଜ୍ୟ ସରକାର ବି ଏହି ଆବେଦନକୁ ଗ୍ରହଣ କରି ଠିକା ସଂସ୍ଥାକୁ ଦରଦ ଦେଖାଇଥିଲେ। ତଥାପି ସମ୍ପୃକ୍ତ ଠିକାସଂସ୍ଥା କାମ ନ ସାରି ପୁଣି ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ସମୟ ମାଗିଛନ୍ତି। କିନ୍ତୁ ଠିକାଦାରଙ୍କୁ ପ୍ରକଳ୍ପ ବାବଦ ଟଙ୍କା ଦେବାରେ କେବେ ଅବହେଳା କରାଯାଇଛି। ଠିକା ସଂସ୍ଥା ପ୍ରକଳ୍ପ ବାବଦରେ ୭୦ ପ୍ରତିଶତ ଅର୍ଥ ଅର୍ଥାତ୍ ୩୧.୮୦କୋଟି ଟଙ୍କା ନେଇ ସାରିଲେଣି। କିନ୍ତୁ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନି। ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡ଼ିଥିବାବେଳେ ଚାରିଆଡ଼େ ଖୋଳି ଛାଡ଼ି ଦେଇଛି ଠିକା ସଂସ୍ଥା। ଯାହା ଦୁର୍ଘଟଣାର କାରଣ ସାଜିଛି। ସେପଟେ ପାଇପଗୁଡ଼ିକ ବାହାରେ ବିକ୍ଷିପ୍ତ ହୋଇ ପଡ଼ିଛି। ଏସମ୍ପର୍କରେ କୃଷ୍ଣପ୍ରସାଦ ବ୍ଲକ୍‌ର ବରିଷ୍ଠ କଂଗ୍ରେସ ନେତା ଡା. ନିରଞ୍ଜନ ବିଶ୍ୱାଳ କହିଛନ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ ଅଞ୍ଚଳବାସୀଙ୍କ ବହୁଦିନର ସମସ୍ୟାର ସମାଧାନ କରିବ ବୋଲି ଲୋକେ ଆଶା କରିଥିଲେ। କିନ୍ତୁ ପ୍ରକଳ୍ପରେ ମନ୍ଥରତା ଏହି ସ୍ୱପ୍ନକୁ ଧୂଳିସାତ୍ କରିଦେଇଛି। ମାଟି ଖୋଳିଲେ ଏଠି ଲୁଣି ପାଣି ବାହାରୁଥିବାରୁ ଅଞ୍ଚଳବାସୀ ବି ଉପାୟଶୂନ୍ୟ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସଂକୁଳସ୍ତରୀୟ ଆଲୋଚନାଚକ୍ର




ବସ୍ତା, ୧୧/୧୦ (ନି.ପ୍ର): ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ପରିସରରେ ସଂକୁଳ ପ୍ରମୁଖ ରତିକାନ୍ତ ଚୌଧୁରୀ ଙ୍କ ପୌରହିତ୍ୟ ରେ ଏକ ସଂକୁଳ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି, ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜ ସେବୀ ଶ୍ୟମ ପପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ପରିଷଦ ସଦସ୍ୟ ସୁରଜ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ, ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ସ୍ୱାଗତ ଅଭିଭାଷଣ ସହ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭ ରେ ପୂର୍ବତନ ସଂକୁଳ ପ୍ରମୁଖ ସ୍ୱର୍ଗତ ନାରାୟଣ ଦାସ ଙ୍କ ସ୍ମୃତି ରେ ଦୁଇ ମିନିଟ ନୀରବ ପ୍ରାଥନା କରାଯାଇଥିଲା । ଏହି ଆଲୋଚନା ଚକ୍ର ରେ ନୂତନ ଜାତୀୟ ଶିକ୍ଷା ନୀତି ଉପରର ବିଶଦ ଆଲୋଚନା ହୋଇଥିଲା । ଆଗାମୀ ଦିନ ମାନଙ୍କ ରେ ସଂକୁଳ ସ୍ତରରେ ହେବାକୁ ଥିବା ଶିଶୁ ମେଳା, ବିଜ୍ଞାନ ମେଳା, କ୍ରୀଡା ସମାରୋହ ଆଦି କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ରାଜ୍ୟ ସରକାର ଙ୍କ ତରଫରୁ ଆଗାମୀ ଶିକ୍ଷା ବର୍ଷ ଠାରୁ ମାଗଣା ସରକାରୀ ପାଠ୍ୟ ପୁସ୍ତକ ଯୋଗାଣ ନିଷ୍ପତ୍ତି କୁ ଶିକ୍ଷା ପରିଷଦ ତରଫରୁ ସ୍ୱାଗତ କରାଯାଇ ଧନ୍ୟବାଦ ଦିଆଯାଇଥିଲା । ଏହି ସଂକୁଳ ରେ ଉଭୟ ସଦର ଓ ବସ୍ତା ବ୍ଲକ ଆନ୍ତର୍ଗତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସମୂହ ରୁ ଗୁରୁଜୀ ଗୁରୁମା ଙ୍କ ସମେତ କର୍ମକର୍ତା ମାନେ ଯୋଗ ଦେଇଥିଲେ, ଶେଷରେ ଗୁରୁଜୀ ସରୋଜ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ସର୍ବେଶ୍ୱର ମହାନ୍ତ ପାଇବେ 'ପ୍ରଜ୍ଞା ପ୍ରାଣ' ସମ୍ମାନ



ବେତନଟୀ, ୧୧/୧୦ (ନି.ପ୍ର): ଓଡ଼ିଆ ସାହିତ୍ୟ ରଚନା ପାଇଁ ବିଭିନ୍ନ ସମୟରେ ବହୁ ସମ୍ମାନ ପାଇଛନ୍ତି । ଚଳିତବର୍ଷ ଶ୍ରୀ ଚନ୍ଦନ ସାହିତ୍ୟ ଏକାଡେମୀ, ଓଡ଼ିଶା କଟକ ତରଫରୁ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ ଉତ୍ସବରେ 'ପ୍ରଜ୍ଞା ପ୍ରାଣ' ସମ୍ମାନ ପ୍ରଦାନ କରାଯିବ। ଶ୍ରୀ ମହାନ୍ତଙ୍କ ଦ୍ୱାରା ପୁସ୍ତକ କୁର୍ମୀ ସମାଜର ଆଦ୍ୟ କଥା, ଆମ କଥା, କୁର୍ମୀ କ୍ଷତ୍ରିୟ ରାଜା କଳିଙ୍ଗରେ ଗଙ୍ଗ ବଂଶର ରାଜୁତି, କୁଡୁମୀ ବା କୁର୍ମୀ କ୍ଷତ୍ରିୟମାନଙ୍କର ପରମ୍ପରା ରାଜା ବା ତେଲ୍-ସି-ହ-ରୀ, କୁଡୁମୀ ବା କୁର୍ମୀ ଜାତିର ବିବାହ ପଦ୍ଧତି, କୁର୍ମୀ କ୍ଷତ୍ରିୟ ଓ କୁଡୁମୀ ସମାଜର ସଂକ୍ଷିପ୍ତ ଇତିହାସ, ଶ୍ରୀକୃଷ୍ଣଙ୍କ ସଂକ୍ଷିପ୍ତ ଇତିହାସ, ମୟୂରଭଂଜର ସଂକ୍ଷିପ୍ତ ଇତିହାସ। କୁର୍ମୀ ଜାତିର ଇତିହାସ ଉପରେ ଗବେଷଣା କରି ପୁସ୍ତକ ଗୁଡ଼ିକ ବେଶ ଆଦୃତ ହୋଇଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## ଚାକିରି ଫେରି...

ବୈଠକ କରି ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟ ସରକାରଙ୍କୁ ପାନେ ଦେବା ବୋଲି ଖୋଲାଖୋଲି ଭାବେ କହିଥିଲେ। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ଓ ଶାସକ ଦଳର ନେତାଙ୍କ ଅକଲ ଗୁଡୁମ୍ ହୋଇଯାଇଥିଲା। ସବୁଆଡୁ ବିରୋଧରେ ସମ୍ମୁଖୀନ ହେବା ପ୍ରଶାସନ ମୁଣ୍ଡ ନୁଆଁଇଲା। ଆଜି ତାଙ୍କୁ ଚାକିରିରେ ପୁନଃ ନିଯୁକ୍ତି ଦେଇଛି। ଭାରତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ଖୁଣ୍ଟା ବ୍ଲକ୍ ପ୍ରଶାସନ। ଏବେ ପୂର୍ବପରି ଭାରତୀ ନିଜ କାମ କରିବେ। ଚାକିରି ପାଇବା ପରେ ଭାରତୀ କହିଛନ୍ତି, ସତ୍ୟ ଓ ନ୍ୟାୟରେ ଥିଲି। ଆଜି ସତ୍ୟର ଜୟ ହେଲା। ସବୁ ଈଶ୍ୱରଙ୍କ ଇଚ୍ଛା। ଏହାଛଡ଼ା ମୋ ନାଁରେ ଅଣାଯାଇଥିବା ସବୁ ଅଭିଯୋଗ ମିଛ ବୋଲି ଜିପିଏଲ୍ଏଫ୍ ନିଷ୍ପତ୍ତି ନେଲେ। ତା'ପରେ ଚାକିରିରେ ନିଯୁକ୍ତି ଦେଲେ ବୋଲି ଭାରତୀ କହିଛନ୍ତି। ବ୍ୟାଙ୍କ ମିତ୍ର ସଂଘ ପକ୍ଷରୁ କୁହାଯାଇଛି, ଭାରତୀଙ୍କୁ ବେଆଇନ୍ ଭାବେ ବହିଷ୍କାର କରାଯାଇଥିଲା। ଯାହା କି ଠିକ୍ ନୁହେଁ। ସରକାର ଏଭଳି କୌଣସି ନିଷ୍ପତ୍ତି ନନିଅନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ରିଜର୍ଭ ବ୍ୟାଙ୍କ ....

ରିଜର୍ଭ ବ୍ୟାଙ୍କ ସମ୍ମୁଖରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇ ଫେରୁଛନ୍ତି। ଖାରବେଳ ନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାହକଙ୍କୁ ବୁଝାସୁଝା କରିଥିଲା। ତେବେ ଚିରା ଫଟା ନୋଟ ବଦଳାଇବା ବ୍ୟବସ୍ଥା ଥିବାବେଳେ ବ୍ୟାଙ୍କ କର୍ମଚାରୀ କାହିଁକି ଗ୍ରହଣ କରିବାକୁ ମନା କରୁଛନ୍ତି ତାକୁ ନେଇ ଚର୍ଚ୍ଚା ଲାଗିଛି। ରିଜର୍ଭ ବ୍ୟାଙ୍କ ଅଧିକାରୀଙ୍କ ଏପରି ମନମାନୀ ବିରୋଧରେ ଡିଜି ଅଫିସରେ ଲିଖିତ ଅଭିଯୋଗ କରିବୁ। ଏହାପରେ ଖୁବ୍‌ଶୀଘ୍ର ଆନ୍ଦୋଳନ କରିବୁ । ରିଜର୍ଭ ବ୍ୟାଙ୍କରେ କର୍ମଚାରୀଙ୍କୁ ପ୍ରବେଶ କରାଇ ଦେବୁନି ବୋଲି ଦିନେଶ କୁମାର ସାହୁ ଚେତାବନୀ ଦିଆଯାଇଛି। ହେଲେ ଏନେଇ ଆରବିଆଇ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଆଫଗାନିସ୍ତାନ...

ରୋହିତଙ୍କ ବ୍ୟତୀତ ଭାରତର ଅନ୍ୟତମ ପ୍ରାରମ୍ଭିକ ବ୍ୟାଟର ଇଶାନ କିଶନ ବ୍ୟକ୍ତିଗତ ଭାବେ ୪୭ ରନ୍ ଯୋଗଦାନ ଦେଇଥିଲେ। ସେ ୪୭ଟି ବଲ୍ ଖେଳି ୫ଟି ଚୌକା ଓ ୨ଟି ଛକା ମାରିଥିଲେ। ଭାରତର ପାଳି ଶେଷ କରିଥିଲେ ବିରାଟ କୋହଲି ଓ ଶ୍ରେୟସ ଆୟର। ଉଭୟ ଖେଳାଳି ଅପରାଜିତ ପାଭିଲିୟନକୁ ଫେରିଥିଲେ। କୋହଲି ୫୬ଟି ବଲ୍ ଖେଳି ୬ଟି ଚୌକା ବଳରେ ୫୫ ରନ୍ ସଂଗ୍ରହ କରିଥିବା ବେଳେ ଶ୍ରେୟସ ୨୩ଟି ବଲ୍‌ରୁ ୨୫ ରନ୍ ସଂଗ୍ରହ କରିଥିଲେ।

## ନିର୍ବାଚନ ତାରିଖ ଘୋଷଣା ହେବା...

ଫ୍ଲାଇଂ ସ୍କ୍ୱାଡ, କମିଶନରଙ୍କ ଟାସ୍କ ଫୋର୍ସ ଓ ଅନ୍ୟ ୱିଙ୍ଗ୍‌ସଗୁଡ଼ିକ ସବୁ ସ୍ଥାନରେ ସତର୍କ ହୋଇ ରହିଛନ୍ତି। ଲୋକମାନଙ୍କୁ ମଧ୍ୟ ସେମାନଙ୍କ ଅଞ୍ଚଳରେ ଯଦି ଭୋଟ ପାଇଁ କୌଣସି ବେଆଇନ କାରବାର କରାଯାଉଥିବା ସନ୍ଦେହ ହେଉଛି, ତା'ହେଲେ ତୁରନ୍ତ ପୁଲିସ୍‌କୁ ଏହା ଜଣାଇବାକୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ଆଜି ସହରର ପୁଲିସ୍ କମିଶନର ସଭି ଆନନ୍ଦ ଭିଡିଓ କନଫରେନ୍ସିଂ ଜରିଆରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସେ ସବୁ ଅଧିକାରୀଙ୍କୁ କ'ଣ କରାଯିବ ଓ କ'ଣ ନ କରାଯିବ, ସେ ସମ୍ପର୍କରେ ସୂଚନା ଦେଇଛନ୍ତି।

## ବଦଳିଲା ନିର୍ବାଚନ...

କମିଶନର ରାଜୀବ କୁମାର ୫ ରାଜ୍ୟ- ମିଜୋରାମ, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ଘୋଷଣା କରିଥିଲେ। ମିଜୋରାମରେ ନଭେମ୍ବର ୭ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ମଧ୍ୟ ପ୍ରଦେଶରେ ନଭେମ୍ବର ୧୭ ତାରିଖରେ ଭୋଟ୍ ହେବାକୁ ଥିବା ବେଳେ ରାଜସ୍ଥାନରେ ନଭେମ୍ବର ୨୩ ଓ ତେଲେଙ୍ଗାନାରେ ନଭେମ୍ବର ୩୦ ତାରିଖରେ ମତଦାନ ହେବ ବୋଲି ସେ କହିଥିଲେ। ଏଥିସହ କେବଳ ଛତିଶଗଡ଼ରେ ଦୁଇଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ। ଏଠାରେ ନଭେମ୍ବର ୭ରେ ପ୍ରଥମ ପର୍ଯ୍ୟାୟ ଓ ନଭେମ୍ବର ୧୭ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ ବୋଲି ରାଜୀବ କୁମାର ସୂଚନା ଦେଇଥିଲେ। ହେଲେ ଏବେ କେବଳ ରାଜସ୍ଥାନର ଭୋଟିଂ ତାରିଖ ବଦଳିଛି।

# ବିଶାଳ ଜନ ସଂପର୍କ ପଦଯାତ୍ରା ସହ ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜେଡିର ଶକ୍ତି ପ୍ରଦର୍ଶନ




ଲଙ୍ଗଳେଶ୍ୱର, ୧୧/୧୦ (ନି.ପ୍ର): ତୃଣମୂଳ ସ୍ତରରେ ଲୋକଙ୍କ ନିକଟତର ହୋଇ, ବିଜୁ ଜନତା ଦଳର ସାମାଜିକ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟ ନେଇ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ବିଜୁ ଜନତା ଦଳ ପକ୍ଷରୁ ଆଜି ବସ୍ତା ନିର୍ବାଚନ ମଣ୍ଡଳୀରେ ବିଶାଳ ଜନ ସଂପର୍କ ପଦଯାତ୍ରା ଓ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଅଛି । ବସ୍ତା ବ୍ଲକ୍ ର ଦରଡା ଠାରୁ ଏବଂ ବାଲିଆପାଳ ବ୍ଲକର ଛଚିନା ଠାରୁ ମୁକୁଳିସି ସଭାସ୍ଥଳ ପର୍ଯ୍ୟନ୍ତ ହଜାର ହଜାର କର୍ମୀ ବିଶାଳ ପଦଯାତ୍ରାରେ ସାମିଲ ହୋଇଥିଲେ । ଅନୁଷ୍ଠିତ ସାଧାରଣ ସଭାରେ ବସ୍ତା ବ୍ଲକ ବିଜେଡି ସଭାପତି ଅନୀଲ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ପ୍ରତାପ କେଶରୀ ଦେବ ଏବଂ ବରେଣ୍ୟ ଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ତଥା ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ କର୍ମୀଙ୍କ ମନରେ ଉତ୍ସାହ ଭରିଥିଲେ । ଅନ୍ୟତମ ବରେଣ୍ୟ ଅତିଥି ଭାବେ ମାନ୍ୟବର ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଜନ କଲ୍ୟାଣକାରୀ ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଅନ୍ୟପକ୍ଷେ ମହିଳା ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ସୁବାସିନୀ ଜେନା ସାଧାରଣ ସଭାରେ ଯୋଗଦେଇ ବିଜେଡିର ଜନସମ୍ପର୍କ ପଦଯାତ୍ରା ସଫଳ କରିଥିବାରୁ ଉପସ୍ଥିତ ହଜାର ହଜାର କର୍ମୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶ୍ରୀମତୀ ସୁବାସିନୀ ଜେନାଙ୍କୁ ଆସନ୍ତା ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀ କରାଇ ବସ୍ତା ନିର୍ବାଚନ ମଣ୍ଡଳୀର ଆଗାମୀ ବିଧାୟିକା ଭାବେ ସୁଯୋଗ ଦେବା ପାଇଁ ଉପସ୍ଥିତ କର୍ମୀ ଉତ୍ସାହର ସହ ମତ ପ୍ରକାଶ କରିଥିଲେ । ଏହି ବିଶାଳ ଜନ ସଂପର୍କ ପଦଯାତ୍ରାରେ ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ଜିଲ୍ଲା ମହିଳା ସଭାନେତ୍ରୀ ବିନ୍ଦୁବାଳା ନନ୍ଦୀ, ନୀଳଗିରି ବରିଷ୍ଠ ବିଜେଡି ନେତା ସନ୍ତୋଷ ଖଟୁଆ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ସିମନ ଦାସ ମହାପାତ୍ର, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ତାପସ କୁମାର ପରିଡା, ବାଲିଆପାଳ ବ୍ଲକ୍ ର ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବସ୍ତା ପଞ୍ଚାୟତ ସମିତି ଅଧକ୍ଷା ଅଞ୍ଜଳି ଦାସ, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, କାଞ୍ଚନ ଜେନା, ସୁଜାତା ରାଣୀ ଦଣ୍ଡପାଟ, ଦେବିକା ସୋରେନ୍, ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଅଜୟ ସାମଲ, ବସ୍ତା ବ୍ଲକ ପୂର୍ବତନ ଅଧକ୍ଷ ଲକ୍ଷ୍ମୀଧର ଦାସ, ପୂର୍ବତନ ଅଧକ୍ଷ ଶଶଧର ପ୍ରଧାନ, ଅଶ୍ୱିନୀ ଜେନା, ଦେବୀ ପ୍ରସାଦ ଭଞ୍ଜ, ଚକ୍ରଧର ଗିରି, ବ୍ଲକ୍ ମହିଳା ସଭାପତି ସରପଞ୍ଚ କସ୍ତୁରୀବାଳା ପାତ୍ର, ଜିଲ୍ଲା ସମ୍ପାଦକ ମନ୍ମଥ ଗିରି, ଯୁଗ୍ମ ସଂପାଦକ ହାଡିବନ୍ଧୁ ରାଉତ, ଜୟ ପ୍ରକାଶ ବେହେରା, ରଞ୍ଜନ ଧଳ, କମଳ ଲୋଚନ କର, ବାଲିଆପାଳ ବ୍ଲକ ଯୁବ ଜନତା ଦଳର ସଭାପତି ସଂଗ୍ରାମ ପରିଡା, ବାଲିଆପାଳ ବ୍ଲକ ଛାତ୍ର ଜନତା ଦଳ ସଭାପତି ସୁଶାନ୍ତ ବେହେରା, ବସ୍ତା ବ୍ଲକ୍ ଯୁବ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଦିଲ୍ଲୀପ ଦଳାଇ, ଯୁବ ନେତା ପ୍ରଦୀପ ଜେନା, ଶ୍ରୀକାନ୍ତ ନାଥ, ଜନ୍ମେଜୟ ନାୟକଙ୍କ ସହ ବସ୍ତା ଓ ବାଲିଆପାଳ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡ଼ ସଦସ୍ୟ ସଦସ୍ୟା ଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଓ ହଜାର ହଜାର ମହିଳା ଓ ପୁରୁଷ କର୍ମୀ ଯୋଗଦେଇ ଥିଲେ ।

# ବାୟୁସେନା ହେଲିକାପ୍ଟରର ଜରୁରୀ ଅବତରଣ

ନୂଆଦିଲ୍ଲୀ,୧୧/୧୦ : ଭାରତୀୟ ବାୟୁସେନାର ଗୋଟିଏ ହେଲିକାପ୍ଟରର ଯାନ୍ତ୍ରିକ ତୃଟି ଯୋଗୁଁ ବିରସାମୁଣ୍ଡା ଷ୍ଟାଡିୟମ ପାଖରେ ଥିବା ଚାହା ହଗିଚା ଭିତରେ ଜରୁରି ଅବତରଣ କରିଥିଲା । ଏହି ହେଲିକାପ୍ଟର ପଶ୍ଚିମ ବଙ୍ଗାଳର ପୁନିଆରୁ ଗୌହାଟୀ ଯାଉଥିଲା । ଚାହା ବଗିଚା ଭିତରେ ଅଚାନକ ଲ୍ୟାଣ୍ଡିଂହେବା ପରେ ହେଲିକାପ୍ଟର ଦେଖୁବାକୁ ଲୋକଙ୍କ ଭିଡ ଜମା ହୋଇ ।। ହେଲିକାପ୍ଟରକୁ ଚାହା ବଗିଚା ପଡିଆରେ ଏକ ଘଂଟାରୁ ଅଧିକ ସମୟ ମଧ୍ୟରେ ଠିକ କରାଯାଇଥିଲା । ଏହା ପରେ ହେଲିକାପ୍ଟର ତାର ଗନ୍ତବ୍ୟ ପଥରେ ବାହାରି ଯାଇଥିଲା । ଏହିଥିରେ ବାୟୁସେନାର ଆଠଜଣ ଜବାନ ଥିଲେ ।

# 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ଶାରଦୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ




ବାଲେଶ୍ୱର, ୧୧/୧୦ (ନି.ପ୍ର): ଓଡ଼ିଶାର ବହୁପୁରାତନ ମାସିକ ମହିଳା ସାହିତ୍ୟ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ଶାରଦୀୟ ସାରସ୍ୱତ ସମାରୋହ ସ୍ଥାନୀୟ ହୋଟେଲ ଫାଣ୍ଟାସି ସଭାଗୃହରେ ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରେରଣାଦାୟୀ ସାହିତ୍ୟ ବଳିଷ୍ଠ ବ୍ୟକ୍ତିତ୍ୱ ସୃଷ୍ଟିକରେ ଓ ସାହିତ୍ୟରେ ମାତୃଶକ୍ତିର ଅସଂଖ୍ୟ ଉପାଦାନ ରହିଛି। ମହିଳାମାନେ ରାଷ୍ଟ୍ରୀୟ ନାଗରିକ ନିର୍ମାଣର ଗୁରୁଦାୟିତ୍ୱ ବହନ କରନ୍ତୁ ବୋଲି ନିବେଦନ କରିଥିଲେ। ସମ୍ମାନିତ ବକ୍ତାଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବାଶିଷ ପାତ୍ର ବାଲେଶ୍ୱରକୁ ସାହିତ୍ୟର ସହର ଭାବେ ବର୍ଣ୍ଣନା କରି ଜୀବନବାଦୀ ସାହିତ୍ୟ ଯଥା ଭାଗବତ, ଗୁଣାଢ଼୍ୟ ଓ ସୋମଦେବଙ୍କ ରଚନାକୁ କାଳଜୟୀ ଭାବେ ଚିତ୍ରଣ କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ସ୍ୱରୂପ କୁମାର ଦାସ ପତ୍ରିକାର ଉଚ୍ଚପ୍ରଶଂସା କରି ପତ୍ରିକାରେ ମହିଳାମାନଙ୍କ ସମସ୍ୟା ପ୍ରତିଫଳନ ସଙ୍ଗେ ନାରୀଶକ୍ତିର ବିକାଶ ଦିଗରେ ନିୟୋଜିତ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଯୁବପିଢ଼ୀଙ୍କ ପାଇଁ ସାହିତ୍ୟର ଉପଯୋଗିତା ସବୁକାଳେ ରହିଛି, ନାରୀକୁ ଶିକ୍ଷା ଓ ଆର୍ଥିକ ସ୍ୱାଧୀନତା ଦେବାର ପ୍ରାଥମିକ ଆବଶ୍ୟକତା ଅଛି ବୋଲି ଗୁରୁତ୍ୱ ପ୍ରଦାନ କରିଥିଲେ। ସଂପାଦିକା ମମତା ମହାପାତ୍ର ପୃଥିବୀରେ ଯୁଦ୍ଧ ନୁହେଁ ଶାନ୍ତି କାମନା କରି 'ଯୁଗଶ୍ରୀ ଯୁଗନାରୀ' ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଓ ବୃକ୍ଷରୋପଣ ଭଳି ସମାଜସେବା କରାଯାଉଥିବା ସୂଚନା ଦେଇଥିଲେ। ଏହି ଅବସରରେ ପତ୍ରିକାର ଅକ୍ଟୋବର ଶାରଦୀୟ ସଂଖ୍ୟା-୨୦୨୩ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥରର ସଂଖ୍ୟାରେ ଅଛନ୍ତି ବାଲେଶ୍ୱରର ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ସାଗରିକା ନାଥ। ଅଧ୍ୟାପକ କମଳାକାନ୍ତ ଦାଶ ମଂଚ ଆହ୍ୱାନ କରିଥିବାବେଳେ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲ୍ୟାଣୀ ନନ୍ଦ ମା' ଦୁର୍ଗାଙ୍କ ଆବାହନୀ ସଂଗୀତ ଗାନ କରିଥିଲେ। ସୁଶ୍ରୀ ଗୀତାଞ୍ଜଳି ସିଂହ ଏହି ସଂଖ୍ୟାର ପ୍ରଚ୍ଛଦପଟ୍ଟ ଓ ସାକ୍ଷାତକାରରେ ସାଗରିକା ନାଥଙ୍କ ଉପରେ ଆଲୋକପାତ କରିଥିଲେ। କବି ବିମଳ ଜେନା, ଯଶୋଧାରା ଦାସ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କବିତା ପାଠ କରିଥିଲେ। ସଭା ପରିଚାଳନାରେ ଶୋଭନା ମହାନ୍ତି, କମଳା ବିନ୍ଧାଣୀ, ସୁକାନ୍ତି ଦେବଗୋସ୍ୱାମୀ, କ୍ରୀଷ୍ଣା ସାହା, ବସନ୍ତ ପ୍ରଧାନ, ସ୍ମୃତି ଦାସ, ସରସ୍ୱତୀ ପଣ୍ଡା, ଜ୍ୟୋତ୍ସ୍ନା ପାଣି ଓ ସଂହିତା ଦାସ ସହାୟତା କରିଥିଲେ। ଏହି ସାରସ୍ୱତ ସମାରୋହରେ ଶତାଧିକ ଶୁଭେଚ୍ଛୁ ଯୋଗ ଦେଇଥିଲେ। ଶିକ୍ଷୀ କେଶୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**AFFIDAVIT**

By Virtue of an affidavit before the Executive Magistrate, Basudevpur, I, Adikanda Barik, aged about 53 yrs S/o Bauli Barik, resident At-Sureswarpur, P.o-Mandari, P.s-Basudevpur, Dist-Bhadrak. Declare that my name has been mentioned Pravat KumarBarik instead of Adikanda Barik in my Aadhar Card bearing No-527333297752. So Pravat kumar Barik and Adikanda Barik is same & one person. Henceforth I will be known as Adikanda Barik in all purpose.

-Mr. Adikanda Barik

# ଖଇରା ମହାବିଦ୍ୟାଳୟ ଅଧ୍ୟାପକଙ୍କୁ ଜାତୀୟ ପଦକ



ଖଇରା, ୧୧/୧୦ (ନି.ପ୍ର): ୦ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଡ ଉଦୟ ରଞ୍ଜନ ଦାସଙ୍କୁ ଜାତୀୟ ପଦକ ହାସଲ କରିବା ପରେ ଖଇରା ମହାବିଦ୍ୟାଳୟ ଛାତ୍ରୀଛାତ୍ର ତଥା ଅଧ୍ୟାପନା ମଣ୍ଡଳୀ ମହଲରେ ଆନନ୍ଦ ଖେଳି ଯାଇଛି । ଜାତୀୟ ସମରଶିକ୍ଷାର୍ଥୀ ବାହିନୀର ରାଷ୍ଟ୍ରୀୟ ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଗୁରୁଗୋପାଲ ସିଂ ମଙ୍ଗଳବାର ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜ ପରିଦର୍ଶନ କରିବା ସହ ଏକଭାରତ ଶ୍ରେଷ୍ଠ ଭାରତ ଓ ଆର୍ମୀ ଆଟାଚମ୍ୟାଣ୍ଟ ଶିବିର ରେ ଯୋଗଦାନ କରିଥିଲେ । ସର୍ବଭାରତୀୟ ସ୍ତରରୁ ଆସିଥିବା ଏନସିସି କ୍ୟାଡେଟ ମାନଙ୍କୁ ଉଦବୋଧନ ଦେବା ଅବସରରେ ଡଃ ଦାସଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପଦକ ପ୍ରଦାନ କରି ସମ୍ମାନୀତ କରିଥିଲେ । ଉକ୍ତ ଶିବିରରେ ଓଡିଶା ଏନସିସିର ଉପମହାନିର୍ଦ୍ଦେଶକ ଜେ ସୁରେଶ,ବ୍ରହ୍ମପୁର ଏନସିସି ଗ୍ରୁପ କମାଣ୍ଡର କର୍ଣ୍ଣେଲ ବିନୟ କ୍ଷେତ୍ରପାଲ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ । ଖଇରା ମହାବିଦ୍ୟାଳୟ ଏନସିସି ଅଧିକାରୀ ଡଃ ଦାସ ଚଳିତ ବର୍ଷ ବାହାନଗା ଟ୍ରେନ ଦୁର୍ଘଟଣା ସମୟରେ କ୍ୟାଡେଟ ମାନଙ୍କୁ ନେଇ ଉଦ୍ଧାରକାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଥିବାରୁ ତାଙ୍କୁ ଏହି ପଦକ ପ୍ରଦାନ କରାଯାଇଛି ।

**ଘୋଷଣାନାମା**

ଆମ୍ଭେ ଶ୍ରୀ ସୁକୁମାର ପଣ୍ଡା, ପିତା: ବଳରାମ ପଣ୍ଡା, ସା: ବଉଳପାଳ, ପୋଷ୍ଟ: ଭାଟପଡ଼ା, ଥାନା: ତିହିଡ଼ି, ଜିଲ୍ଲା: ଭଦ୍ରକ, ଜଣାଉଅଛୁ କି ଆମ୍ଭ ପିତା: ବଳରାମ ପଣ୍ଡାଙ୍କ ମାନସିକ ଅସ୍ଥିରତା ଯୋଗୁଁ ପିତାଙ୍କ ନାମରେ ଥିବା ସ୍ଥାବର, ଅସ୍ଥାବର ସମ୍ପତିକୁ କ୍ରୟ ଓ ବନ୍ଧକ ପାଇଁ ଅସାମାଜିକ ଲୋକ ଆମ୍ଭର ପିତାକୁ ନିଶାସକ୍ତ କରାଇ ପ୍ରଚେଷ୍ଟା କରୁଥିବା ଯୋଗୁଁ କେହି ଯଦି ଦଲିଲୀ ଦସ୍ତାବିଜ କରାଇ ନିଅନ୍ତି ଆମ୍ଭେ ଓ ପରିବାରବର୍ଗ ଦାୟଗ୍ରସ୍ତ ହେବୁନାହିଁ।

-ସୁକୁମାର ପଣ୍ଡା

# ଝିଅ ଗର୍ବ ଓ ସୃଷ୍ଟିର ଆଧାର ଅଟନ୍ତି: ଶିବରାଜ ସିଂ ଚୌହ୍ୱାନ

ଭୋପାଳ, ୧୧/୧୦ (ନି.ପ୍ର): ବୁଧବାର ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ । ପ୍ରତିବର୍ଷ ଅକ୍ଟୋବର ୧୧ ତାରିଖକୁ ପୂରା ବିଶ୍ୱରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ଭାବେ ପାଳନ କରାଯାଏ । ବିଶ୍ୱରେ ଶିଶୁ କନ୍ୟାର ଅଧିକାର, ଚ୍ୟାଲେଞ୍ଜ ଓ ସୁଯୋଗକୁ ନେଇ ଲୋକଙ୍କୁ ସଚେତନା କରିବା ନିମନ୍ତେ ଏହି ଦିବସ ପାଳନ କରାଯାଏ । ଏହି ଦିବସ ଅବସରରେ ଶୁଭକାମନା ଜଣାଇଛନ୍ତି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ । ସେ କହିଛନ୍ତି ଝିଅ ଗର୍ବ ଓ ସୃଷ୍ଟିର ଆଧାର ଅଟନ୍ତି । ଏହାହି ଭାରତୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପତାକା ଧାରକ ଅଟେ । ସେହି ପ୍ରତ୍ୟେକ ଘର ଅଗଣା ଧନ୍ୟ ଓ ଶୁଭ ଅଟେ, ଯେଉଁଠାରେ ଝିଅମାନଙ୍କର ହସ ଖେଳିଉଠିଥାଏ । ଏଥିପାଇଁ ବୋଧେ କୁହାଯାଏ ପୁଅ ଭାଗ୍ୟରୁ ମିଳେ କିନ୍ତୁ ଝିଅ ସୌଭାଗ୍ୟରୁ ମିଳିଥାଏ । ନିଜର ଝିଅମାନଙ୍କ ସଶକ୍ତ ବନାନ୍ତୁ ଓ ନିଜର ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବଞ୍ଚାନ୍ତୁ ।

# କୁଡୁମୀ ସେନାର ସାମ୍ବାଦିକ ସମ୍ମିଳନୀ




ବାରିପଦା, ୧୧/୧୦ (ନି.ପ୍ର): କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବା ପାଇଁ କୁଡୁମୀ ସେନା ପକ୍ଷରୁ ଚାଲିଥିବା ଆନ୍ଦୋଳନ ଉପରେ କିଛିଦିନ ତଳେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଆନ୍ଦୋଳନ ପାଇଁ ବିଦେଶୀ ଟଙ୍କା ଆସୁଥିବା ଭଳି ଗଣ ମାଧ୍ୟମରେ ମନ୍ତବ୍ୟ ଦେଇଥିଲେ। କେନ୍ଦ୍ର ମନ୍ତ୍ରୀଙ୍କ ଏହି ବକ୍ତବ୍ୟକୁ କୁଡୁମୀ ସେନା ପକ୍ଷରୁ ଆଜି ବାରିପଦା ବଜାର ଇଣ୍ଡିଆ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ କୁଡୁମୀ ସେନାର ରାଜ୍ୟ ସଭାପତି ଜୈମୁନୀ ମହାନ୍ତ ଦୃଢ଼ ନିନ୍ଦା କରିବା ସହିତ କେନ୍ଦ୍ର ମନ୍ତ୍ରୀ ଏଭଳି ତଥ୍ୟ କେଉଁ ଠାରୁ ପାଇଲେ ୭ଦିନ ଭିତରେ ଜଣାଇବାକୁ କହିବା ସହ ଉଚିତ ଉତ୍ତର ନମିଳିଲେ ଏହାକୁ ନେଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବୈଜ୍ଞାନିକ ମନୋଭାବ ହିଁ ମଣିଷକୁ ଆଜି ବିଶ୍ୱ କରିଛି

ଖୁଣ୍ଟାପୁର, ୧୧/୧୦ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ସପ୍ତମ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବୈଜ୍ଞାନିକ ଚିନ୍ତାଧାରା ହିଁ ମଣିଷ କୁ କାଳଜୟୀ କରିଥାଏ। ବୈଜ୍ଞାନିକ ଚିନ୍ତାଧାରା ହିଁ ବିଜ୍ଞାନକୁ ଜନ୍ମ ଦେଇଛି । ପିଲାମାନେ ସେମାନଙ୍କ ସୃଜନଶୀଳ ଚିନ୍ତାଧାରାକୁ ବଜାୟ ରଖିବା ଦିଗରେ ବିଜ୍ଞାନ ମେଳା ର ବହୁ ଭୂମିକା ଅଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ସଂପାଦକ କାହ୍ନୁ ଚରଣ ପତି ଙ୍କ ସଭାପତିତ୍ୱ ରେ ବିଜ୍ଞାନ ମେଳା ଆୟୋଜନ କର। ଯାଇଥିଲା ଏଥିରେ ସତ୍ୟସାହି ବିଦ୍ୟାପୀଠର ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ତୃଷ୍ଣା ଦାସ ଏବଂ ବରିଷ୍ଠ ବିଜ୍ଞାନ ଶିକ୍ଷକ ରାଧୁ ସିଂ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ବିଜ୍ଞାନ ଗୁରୁଜୀ ଓ ଗୁରୁମା ମାନଙ୍କୁ କିପରି ପିଲାମାନଙ୍କର ରୁଚି ବଢିବ ସେ ଦିଗରେ ଉଦ୍ୟମ ଜାରି ରଖିବା ଉପରେ ଗୁରୁତ୍ୱ ଦେଇଥିଲେ ପ୍ରଧାନ ଆଚାର୍ଯ୍ୟ ରଂଜିତା ପତି ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ମେଳା ରେ ଜୁନିଅର, ସିନିୟର, ସବ ଜୁନିଅର, ସ୍ୱତନ୍ତ୍ର ବାଳ ବିଭାଗ ରେ ସର୍ବ ମୋଟ ୪୭ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା, ଏହି ଅବସରରେ ପିଲା ମାନଙ୍କ ଭିତରେ ବିଜ୍ଞାନ କୁଇଜ, ବିଜ୍ଞାନ ପ୍ରଶ୍ନ ମଞ୍ଚ, ଅନୁଷ୍ଠିତ



ହୋଇଥିଲା, ଏହି କାର୍ଯ୍ୟକ୍ରମ କୁ ତୁଳସୀ ଗୁରୁମା , ରେଣୁ ଗୁରୁମା, ସିପି ଗୁରୁମା ଜୟସ୍ମିତା ଗୁରୁମା, ଦମୟନ୍ତି ଗୁରୁମା ପରିଚାଳନା କରିଥିଲେ ଶେଷରେ ଜେଜେ ଗୁରୁଜୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାର କ୍ରୀଡା ବିଭାଗରେ ସ୍ଥିତି ଦୟନୀୟ : ଅଭିଲାଷ ପଣ୍ଡା

ବାଲେଶ୍ୱର ୧୧/୧୦ (ନି.ପ୍ର): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଶାସନକୁ ଆସିବା ପରେ କ୍ରୀଡା ଜଗତରେ ଭାରତ ଏକ ଶକ୍ତିଶାଳୀ ଦେଶ ହୋଇଛି । ମୋଦି ସରକାର ସମୟରେ କ୍ରୀଡା ସଂଘର୍ଷ ହୋଇନାହିଁ । ମୋଦିଜୀ ଖେଳାଳୀଙ୍କ ପାଇଁ ଭିତିଭୂମି ବୃଦ୍ଧି, ପର୍ଯ୍ୟାପ୍ତ ତାଲିମ, ସହାୟତା, ସମଗ୍ର ବିକାଶ ଏବଂ ପ୍ରତିସ୍ତରରେ ପ୍ରତିଭାର ପରିଚୟ ବିଭିନ୍ନ କାର୍ଯ୍ୟ କରିଛନ୍ତି । ମୋଦିଜୀ ଶାସନକୁ ଆସିବା ପରେ ବିଶ୍ୱ ପ୍ରତିଯୋଗିତାରେ ଭାରତୀୟ ଖେଳାଳିଙ୍କ ପଦକ ପ୍ରଦର୍ଶନ କ୍ରମାଗତଭାବେ ବୃଦ୍ଧି ପାଉଛି । ଟୋକିଓ ଅଲମ୍ପିକ୍ସରେ ୭ଟି ପଦକ ଯାହା ୨୦୧୪ପୂର୍ବରୁ ମୋଟ ୩ଗୁଣରୁ ଅଧିକ । ୨୦୨୨ରେ କମନୱେଲଥ ଗେମ୍ସରେ ୬୧ଟି ପଦକ ଏବଂ ୨୦୧୬ରେ ପାରାଲିମ୍ପିକରେ ରେକର୍ଡ । ଏହି ସଫଳତା ଦେଶର କ୍ରୀଡା ପରିବର୍ତ୍ତନର ଏକ ପ୍ରମାଣ ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା କହିଛନ୍ତି । ବାଲେଶ୍ୱରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ, କେନ୍ଦ୍ର ସରକାର କ୍ରୀଡାବିତଙ୍କ ପାଇଁ ବାର୍ଷିକ ବ୍ୟୟବରାଦ ୧୧ପ୍ରତିଶତ ଅଧିକ କରି ୩୦୬୨.୩୦ରୁ ୩୩୯୭.୩୨କଲା ପରେ ମଧ୍ୟ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗର ଦୟନୀୟ ସ୍ଥିତି ପାଇଁ ବିଜେପି ଯୁବ ମୋର୍ଚ୍ଚା ଦୃଢ଼ ନିନ୍ଦା କରୁଛି । ରାଜ୍ୟ ସରକାର ବିଭିନ୍ନ ବିଭାଗର ଦୁର୍ନୀତରି ପାହାଡ ଉପରେ ବସିଛନ୍ତି । ରାଜ୍ୟ ସରକାର ପ୍ରତିବର୍ଷ ରାଜ୍ୟ ରାଜକୋଷରୁ ୨୫ଶହ କୋଟି ଟଙ୍କା ବ୍ୟୟ କରୁଥିବା ସ୍ୱତେ ରାଜ୍ୟର କ୍ରୀଡା ବିଭାଗର ହଷ୍ଟେଲ, ପ୍ରଶିକ୍ଷଣ କ୍ୟାମ୍ପ, କ୍ରୀଡାବିତ୍‌ମାନଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛି କଣ ପାଇଁ? ରାଜ୍ୟ ସରକାରଙ୍କ କେବଳ ହକିରେ ୧୦୯୮ କୋଟି ବ୍ୟୟ କରୁଛନ୍ତି ମାତ୍ର ୧୫ମାସରେ ରାଉରକେଲା ହକି ଷ୍ଟାଡିୟମ କରି ରାଜ୍ୟ ସରକାରଙ୍କ ୫-ଟି ବିଭାଗ ଏଭଳି ଦୁର୍ନିତି କରିଲା ଯେ, ମାତ୍ର ୪ମାସ ମଧ୍ୟରେ ଧ୍ୟାନଚାନ୍ଦ ପ୍ରତିମୂର୍ତି ଭାଙ୍ଗିବା ଘଟଣା ଆମ ରାଜ୍ୟକୁ ଜାତୀୟସ୍ତରରେ ନିନ୍ଦିତ କରିଛି । ରାଜ୍ୟ ସରକାର କ୍ରୀଡା ବିଭାଗରେ ୨୫ଶହ କୋଟି ବ୍ୟୟ କରିବା ପରେ ମଧ୍ୟ ଆଜିବି ସବୁ ଜିଲ୍ଲାରେ କ୍ରୀଡା ହଷ୍ଟେଲ ନାହିଁ ମାତ୍ର ୧୫ଟି ଜିଲ୍ଲାରେ ୧୬ଟି ହଷ୍ଟେଲ ରାଜ୍ୟରେ କ୍ରୀଡାବିତ୍‌ଙ୍କ ପାଇଁ ଉପଲବ୍ଧ । ଭାରତ ଇତିହାସରେ "ଏସିଆନ



ଗେମ୍ସ ୨୦୨୩"ରେ ଏକ ଇତିହାସ ସୃଷ୍ଟି କରିଛି । ମୋଟ ୧୦୭ପଦକରୁ ଭାରତ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଓ ୪୧ଟି ବ୍ରୋଞ୍ଜ ପଦକ ହାସଲ କରିଛି । ଦେଶ ଆମ ଖେଳାଳିଙ୍କ ପାଇଁ ଗର୍ବିତ । ଭାରତୀୟ ଆଥଲେଟଙ୍କର ଅପାର ଶକ୍ତି ଅଛି, ଯେଉଁମାନେ ସଠିକ ସମର୍ଥନ ସହ କ୍ରୀଡାମାଧ୍ୟମରେ ବିଶ୍ୱସ୍ତରରେ ଭାରତର ପରିଚୟ ପଂହଚାଇ ପାରିବେ । ୨୦୧୪ ଏସିଆନ ଗେମ୍ସରେ ଭାରତ ୫୭ପଦକ ଜିତିଥିଲେ । ମୋଦିଜୀ ପାଇଁ ଭାରତର କ୍ରୀଡାରେ ଅନେକ ପରିବର୍ତ୍ତନ ଆସିଛି । ମୋଦିଜୀଙ୍କ ଶାସନ ପୂର୍ବରୁ କ୍ରୀଡାରେ ସଫଳତା ହାସଲ କରିବା ଅସମ୍ଭବ ମନେହେଉଥିଲା କିନ୍ତୁ ଏବେ ଖେଳାଳୀଙ୍କୁ ସ୍ୱଳ୍ପ ସମ୍ବଳ, ସୀମିତ ପାଣ୍ଠି, ପର୍ଯ୍ୟାପ୍ତ ତାଲିମ, ସ୍ୱଳ୍ପ ଆର୍ଥିକ ପୁରସ୍କାର, ଦୁର୍ନୀତି ଏବଂ ପରିବାରବାଦ ଭଳି ବହୁତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିଥିଲା ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଭାରତ ସରକାର ବର୍ତମାନ ଅଲମ୍ପିକ୍ସରେ ଖେଳାଳୀଙ୍କ ବିଦେଶର ଏକ୍ସପୋଜ୍‌ର, ରାଷ୍ଟ୍ରିୟ ଶିବିର, ଉତର ପ୍ରଶିକ୍ଷଣ ଏବଂ ସହାୟକ କର୍ମଚାରୀଙ୍କ ଇତ୍ୟାଦିରେ ୪୫୦କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ମନ୍ତ୍ରାଳୟ ଦ୍ୱାରା ଟପ ଖେଳାଳୀଙ୍କ ପାଇଁ ୪୫କୋଟି ଟଙ୍କା ମୂଲ୍ୟର ୩୫୦ରୁ ଅଧିକ ପ୍ରସ୍ତାବଗୁଡିକ ମଞ୍ଜୁରୀ ପ୍ରଦାନ କରିଛନ୍ତି । ପ୍ରଶିକ୍ଷଣକୁ ପ୍ରୋତ୍ସାହନ କରିବା ପାଇଁ ଏକ ଅନୁଦାନ ସ୍ୱରୂପ ୫୦ହଜାର ଟଙ୍କାର ରିହାତି ସହିତ ପ୍ରଶିକ୍ଷଣ ଏବଂ ଅନ୍ୟ ସହାୟତା ପ୍ରଦାନ କରାଯାଏ । ତାଲିମ ପାଇଁ ୨.୫କୋଟିରୁ ୭କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଏ । ମହିଳା ଖେଳାଳିଙ୍କ ସଫଳତା ଏବଂ ସାମର୍ଥକୁ ପ୍ରୋତ୍ସାହନ କରି କ୍ରୀଡାବିତ୍‌ମାନେ ଭାରତର ତୃଣମୂଳ ସ୍ତରରେ ଚ୍ୟାଲେଞ୍ଜ କରିଛନ୍ତି ଏବଂ ଅନ୍ୟ ମହିଳାମାନଙ୍କୁ କ୍ରୀଡା ଚଳାଇବାକୁ ପ୍ରେରଣା ଦେଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଚଣ୍ଡୀ ପ୍ରସାଦ ବେହେରା, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ତଥା 'ଖେଳ ଇଣ୍ଡିଆ' ରାଜ୍ୟ ସଂଯୋଜକ ରାଜେଶ ମହାପାତ୍ର , ରାଜ୍ୟ ଯୁବ ମୋର୍ଚ୍ଚା କୋଷାଧକ୍ଷ ରାଜେଶ ମହାକୁଡ଼, ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଆଶୁତୋଷ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଉମେଶ ଚନ୍ଦ୍ର ପଣ୍ଡା ନୀଳଗିରି ଠାକୁର ମାହାଲ ନିର୍ବାହୀ ଅଧିକାରୀ ନିଯୁକ୍ତ

ନୀଳଗିରି, ୧୧/୧୦ (ନି.ପ୍ର): ନୀଳଗିରି ଶ୍ରୀ ରଧାକିଶୋର ଜୀଉ ଠାକୁର ମାହାଲରେ ଦୀର୍ଘଦିନ ଧରି ନିର୍ବାହୀ ଅଧିକାରୀ ପଦବୀ ଖାଲି ପଡିଥିଲା। ଏନେଇ ବାରମ୍ବାର ଏଣ୍ଡାମେଣ୍ଟ କମିଶନଙ୍କ ଠାରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ କମିଶନ ଗତ ୯ ତାରିଖ, ପତ୍ରସଂଖ୍ୟା ୧୦୫୮୪/୬୪ରେ ନୀଳଗିରି ଗୋପୀନାଥପୁର ଗ୍ରାମର ସ୍ୱର୍ଗତ ରତ୍ନାକର ପଣ୍ଡାଙ୍କ ପୁଅ ଉମେଶ ଚନ୍ଦ୍ର ପଣ୍ଡାଙ୍କୁ ନିର୍ବାହୀ ଅଧିକାରୀ ଭାବରେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏନେଇ ସେପଟ୍ଟେମ୍ବର ୧୭ତାରିଖ ଦିନ ଏହି ପଦବୀ ପାଇଁ ଆବେଦନ କରିଥିବା ପାଞ୍ଚ ଜଣ ଆବେଦନକାରୀଙ୍କୁ ଭୁବନେଶ୍ୱର ଏଣ୍ଡାମେଣ୍ଟ କମିଶନ କାର୍ଯ୍ୟାଳୟକୁ ଡକାଯାଇଥିଲା। ତେବେ ଶ୍ରୀ ପଣ୍ଡାଙ୍କୁ ଯୋଗ୍ୟଭାବରେ ଚୟନ କରାଯାଇ ୧୫ଦିନ ମଧ୍ୟରେ ଯୋଗଦାନ କରିବା ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ତେବେଏକବର୍ଷ ପାଇଁ ଏହି ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ସମୟାନୁଜାଇ କାର୍ଯ୍ୟ ଦକ୍ଷତା ଅନୁସାରେ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ତାଙ୍କ ଦରମା ବୃଦ୍ଧି ପାଇଁ ଏହି ଅନୁଷ୍ଠାନର ବୋର୍ଡଟ୍ରଷ୍ଟି ନିର୍ଦ୍ଧାରଣ କରିବ ବୋଲି ମଧ୍ୟ କୁହାଯାଇଛି। ପୂର୍ବ ଅର୍ଡର ଅନୁଯାଇ ବିଷ୍ଣୁ ମୋହନ ଆଚାର୍ଯ୍ୟ ନିର୍ବାହୀ ଅଧିକାରୀରୁ ଅବସର ପରେ ନୀଳଗିରି ଉପଜିଲ୍ଲପାଳ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱରେ ରହିଥିଲେ।ସୂଚନା ଅନୁଯାୟୀ ନୀଳଗିରି ଠାକୁର ମାହାଲ ଅଧିନରେ ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ଜୀଉ ମନ୍ଦିର, ସଜନାଗଡସ୍ଥିତ ମା ଭୂଦାର ଚଣ୍ଡୀ ମନ୍ଦିର, ଗରଡ଼ିହି ସ୍ଥିତ ଜଗନ୍ନାଥ ମନ୍ଦିର, ଔପଦା ବ୍ଲକ ମୁକୁନ୍ଦପୁର ସ୍ଥିତ ହରିବଳଦେବ ଜୀଉ ମନ୍ଦିର ଆଦି ବହୁ ଦେବାଦେବୀ ମନ୍ଦିର ପରିଚାଳିତ ହେଉଅଛି। ସୂଚନା ଅନୁଯାୟୀ ଗତ କିଛି ମାସ ତଳେ ନୀଳଗିରି ଠାକୁର ମାହାଲ ପରିଚାଳନା ପାଇଁ ନୂତନ ଟ୍ରଷ୍ଟ ବୋର୍ଡ ଗଠନ କରାଯିବାସହ ପରମ୍ପାନୁଯାୟୀ ରାଜବଂଶ ଉତ୍ତରାଧିକାରୀ ରାଣୀ ମନୋଜାମଞ୍ଜରି ଦେବୀଙ୍କୁ ସ୍ଥାୟୀ ସଭାପତି ନିଯୁକ୍ତି ମିଳିଥିଲା। ଏହି ଟ୍ରଷ୍ଟ ବୋର୍ଡରେ ବିଧାୟକ ଙ୍କ ସମେତ ନୀଳଗିରି ଉପଜିଲ୍ଲାପାଳ, ଏସଡିପିଓ ନୀଳଗିରି ଏବଂ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ନୂତନ ବୋର୍ଡରେ ସାମିଲ କରାଯାଇଥିଲା।ଏତଦ୍ ଭିନ୍ନ କିଛିଦିନ ପୂର୍ବରୁ ବର୍ତ୍ତମାନର ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କୁ ମ୍ୟାନେଜିଂ ଟ୍ରଷ୍ଟି ଭାବରେ ଅନୁଷ୍ଠାନର ପ୍ରତ୍ୟେକ ବୈଠକ ପରିଚାଳନା ପାଇଁ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିଛି । ତେବେ ବର୍ତ୍ତମାନ ନୀଳଗିରି ଠାକୁରମାହାଲକୁ ପରିଚାଳନା ପାଇଁ ସମ୍ପୂର୍ଣ୍ଣ ଗଭର୍ଣ୍ଣୀଙ୍ଗ ବଡି ମିଳିଯାଇଥିବା ବେଳେ କିପରି ସୂଚାରୁ ରୂପେ କାର୍ଯ୍ୟକାରୀ ହେଉଛି ଦେଖିବାକୁ ବାକି ରହିଲା।

# ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବାଲେଶ୍ୱର ଜିଲ୍ଲା ବସ୍ତା ଶାଖା ତରଫରୁ ପ୍ରତିବାଦ ସଭା ଅନୁଷ୍ଠିତ



ବସ୍ତା , ୧୧/୧୦ (ନି.ପ୍ର): ରାଜ୍ୟ ଅବସର ପ୍ରାପ୍ତ କର୍ମଚାରୀ ସଂଘ ବସ୍ତା ଶାଖା ତରଫରୁ ୯ ଦଫା ସମ୍ବଳିତ ଦାବିପତ୍ର ନେଇ ଏକ ପ୍ରତିବାଦ ସଭା ବସ୍ତା ଶମ୍ଭୁନାଥ ହାଇସ୍କୁଲ ନିକଟସ୍ଥ କଲ୍ୟାଣ ମଣ୍ଡପ ରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପେନସନର ମାନଙ୍କ ୯ ଦଫା ଦାବି ବିଶେଷ କରି ଚିକିତ୍ସା ଭତ୍ତା ସୁବିଧା ପାଇଁ ରାଜ୍ୟ ସରକାରଙ୍କ ଉଦାସୀନତା ବିରୋଧ କରି ସଭାପତି ଶିଶିର କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗଗନ ବିହାରୀ ଜେନା, କୁମୁଦ ରଞ୍ଜନ ଗିରି, ବିଜୟ କୁମାର ଘୋଷ, ଜୟକୃଷ୍ଣ ଗିରି ଙ୍କ ସମେତ ବହୁ ପେନସନ ଧାରି ଉପସ୍ଥିତ ଥିଲେ।

# ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ



ଭଦ୍ରକ, ୧୧/୧୦ (ନି.ପ୍ର): ଭଦ୍ରକ ମଠସାହି ଗ୍ରାମର ତ୍ରିଲୋଚନ ଦଉଙ୍କ ପତ୍ନୀ ସ୍ମୃତିରେଖା ମହିଳା ଗୋଷ୍ଠୀରେ ମିଶି ବନ୍ଧନ ବ୍ୟାଙ୍କରୁ ବିଭିନ୍ନ ସମୟରେ ଋଣ ଆଣି ଠିକ୍ ସମୟରେ କିସ୍ତି ପରିଶୋଧ କରିବା ପରେ ବ୍ୟାଙ୍କ ତରଫରୁ ତାଙ୍କୁ ପୁଣି ୨ ଲକ୍ଷ ଟଙ୍କାର ଋଣ ଦେବାର ଲୋଭ ଦେଖାଇଥିଲେ। ତ୍ରିଲୋଚନ ଏବଂ ପତ୍ନୀ ବ୍ୟାଙ୍କରୁ ଋଣ ଆଣିବା ନିମନ୍ତେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିଥିଲେ। ମାତ୍ର ବ୍ୟାଙ୍କ ତରଫରୁ ଉତ୍କୋଚ ମଗାଯାଇଥିଲା, ଟଙ୍କା ନଦେଲେ ଋଣ ହୋଇ ପାରିବ ନାହିଁ ବୋଲି ତ୍ରିଲୋଚନଙ୍କୁ କହିବାପରେ ତ୍ରିଲୋଚନ ଏଥିରେ ରାଜି ନହୋଇ ସେ ଦେଇଥିବା ୫ଟି ବ୍ଲାଙ୍କ ଚେକ୍, ଆଧାରକାର୍ଡ, ଏଗ୍ରିମେଣ୍ଟ କାଗଜପତ୍ର ଫେରସ୍ତ କରିନଥିଲେ। ଏହି ଘଟଣା ୨୦୧୮ ମସିହାରୁ ଚାଲିଆସିଛି। ଏ ନେଇ ତ୍ରିଲୋଚନ ୨୦୨୧ରେ ଟାଉନ ଥାନାରେ ଏକ ମାମଲା ରୁଜୁ କରିଥିଲେ, ଯାହା ଏବେ କୋର୍ଟରେ ବିଚାରାଧୀନ ରହିଛି। ତ୍ରିଲୋଚନ ତାଙ୍କର ଅରିଜିନାଲ କାଗଜପତ୍ର ବ୍ୟାଙ୍କର ଫେରସ୍ତ ପାଉ ନଥିବା କାରଣରୁ ବାରମ୍ବାର ଥାନାଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧାଇଁଧାଇଁ ନୟାନ୍ତ ହେବା ପରେ ବାଧ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଧାରଣାରେ ବସିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଧିକାରୀ ତ୍ରିଲୋଚନଙ୍କ ପାଖକୁ ଆସି ନଥିବା ଜଣା ପଡ଼ିଛି।

# ତୁଡିଗଡିଆରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ଖଇରା, ୧୧/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ୫ନଂ ତୁଡିଗଡିଆ ଜୋନରେ ବୁଧବାର ଦିନ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା,କୋଷାଧକ୍ଷ ଇଂ ରାଜେଶ ମହାକୁଡ,ପୁର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ମଣ୍ଡଳ ସଭାପତି ମହେଶ୍ୱର ନାଥ,ଯୁବନେତା ଅଂଶୁମାଧବ ପଣ୍ଡା ଓ ନିଳମାଧବ ପଣ୍ଡା ତଥା ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ପ୍ରମୁଖ ପ୍ରଥମେ ତୁଡିଗଡିଆ ଶହୀଦ ସ୍ତମ୍ଭ ନିକଟରେ ପହଞ୍ଚି ମାଲ୍ୟାର୍ପଣ କରିବା ସହ ୩ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ପରେ ଅମୃତବାଟିକା ପାଇଁ ନେତୃବୃନ୍ଦ ଅମୃତକଳସ ଧରି ଏକଶୋଭାଯାତ୍ରାରେ ଗଗନଧୁଳୀ, ଡାଲଙ୍ଗ, ଜଳଦା, କୁରୁଣ୍ଟା, ଅଚ୍ୟୁତପୁର, ଶ୍ୟାମସୁନ୍ଦରପୁର, ମାଖନପୁର, ଡଗରପଡା,ନନ୍ଦୁର ଇତ୍ୟାଦି ପଞ୍ଚାୟତ ପରିକ୍ରମା କରି ମାଟି ସଂଗ୍ରହ କରିଥିଲେ ।

# ପୋଖରୀରେ ବୁଡି ଯୁବକଙ୍କ ପ୍ରାଣ ଗଲା

ବସ୍ତା ୧୧/୧୦(ନିପ୍ର): ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଜାରାସାହି ଗ୍ରାମର ଜଣେ ଯୁବକ ବୁଧବାର ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ମୃତ ଯୁବକ ହେଲେ ଏହି ଗ୍ରାମର ଯଦୁ ସିଂ ଙ୍କ ପୁଅ ଚନ୍ଦ୍ରା ସିଂ (୪୨)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅପରାହ୍ନରେ ଚନ୍ଦ୍ରା ଗାଁ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତାବଶତଃ ବୁଡି ଯାଇଥିଲେ। ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

# ଦୁଇ ହକି ତାରକାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୧୦ (ନି.ପ୍ର): ଏସିଆନ୍ ଗେମ୍ସରେ ପଦକ ଜିତିଥିବା ହକି ତାରକା ଅମିତ ରୋହିଦାସ ଓ ଦୀପଗ୍ରେସ୍ ଏକ୍କାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ସହ ପୂର୍ବ ଘୋଷଣା ଅନୁଯାୟୀ ଅମିତ ରୋହିଦାସଙ୍କୁ ୧.୫ କୋଟି ଓ ଦୀପଗ୍ରେସଙ୍କୁ ୫୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ନିକଟରେ ଚୀନରେ ଶେଷ ହୋଇଥିବା ଏସିଆନ୍ ଗେମ୍ସରେ ଭାରତୀୟ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଉଭୟ ଅମିତ ଓ ଦୀପଗ୍ରେସ୍ ଭାରତୀୟ ପୁରୁଷ ଓ ମହିଳା ଦଳର ସଦସ୍ୟ ଥିଲେ। ଏହି ଦୁଇ ଖେଳାଳିଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଗର୍ବିତ ବୋଲି ଜଣାଇଥିଲେ। ସେମାନେ ସେମାନଙ୍କ ଉତ୍ସର୍ଗୀକୃତ, କଠିନ ପରିଶ୍ରମ ଏବଂ ଅତୁଳନୀୟ ପ୍ରତିଭା ମାଧ୍ୟମରେ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ଭଦ୍ରକ , ୧୧/୧୦ (ନି.ପ୍ର): ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିବା ନିମନ୍ତେ ବିଣାପାଣୀ ହେଲେନ କେଲର ବିଶିଷ୍ଟ (ଅନ୍ଧ, ମୁକ ଏବଂ ବଧିର) ବାଳିକା ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ସଚିବ ଶ୍ରୀମତୀ ନେହା ଅଗ୍ରୱାଲ, ଇପସିତା ଭୋଇ, ପ୍ରୋବେସନ ଅଫିସର, ଭଦ୍ରକ ଏବଂ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶ୍ରୀମତୀ ତିଲୋତ୍ତମା ମାଝୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସେହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଆଗକୁ ସବୁପ୍ରକାର ସହଯୋଗ କରିବେ ଏବଂ ଭବିଷ୍ୟତରେ ଜଣେ ଜଣେ ସୁ-ପ୍ରତିଭାବାନ ହୁଅନ୍ତୁ ବୋଲି ପରିପ୍ରକାଶ କରିଥିଲେ।

# ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ



ବାସୁଦେବପୁର, ୧୧/୧୦ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମସ୍ତେ ସାଇବର ସଚେତନତା ରଥକୁ ସ୍ୱାଗତ କରିଥିଲେ । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌର ପାଳିକା ଅଧକ୍ଷ ନିବେଦିତା ବେହେରା, ଏସ ଡି ପି ଓ ସୌରଭ ହୋତା, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା । ସାଇବର ଅପରାଧ କୁ ରୋକିବା ପାଇଁ ସେ ସମ୍ପର୍କ ରେ ସମସ୍ତ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ । ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ ଖୁବ ସୁନ୍ଦର ଶବ୍ଦ ଓ ମଧୁର ଭାଷା ରେ ସଂଯୋଜନା କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ନୃତ୍ୟ, ସଂଗୀତ, ଓଡିଶୀ ଓ ପାଲା ପରିବେଷଣ ହୋଇଥିଲା ।

# ଜିଲ୍ଲାସ୍ତରୀୟ ବିଦ୍ୟାଳୟସମୂହ କ୍ରୀଡ଼ା ପ୍ରତିଯୋଗିତା

ବାଲେଶ୍ୱର, ୧୧/୧୦ (ନି.ପ୍ର): ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆ ଓ ପରମିଟ ପଡ଼ିଆରେ ଆଜି ଓ ଆସନ୍ତାକାଲି ଦୁଇଦିନ ଧରି ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ାପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ୧୪ ଓ ୧୭ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ କବାଡି, ଫୁଟବଲ, କ୍ରିକେଟ ଏବଂ ଦୌଡ଼କୁଦ ପ୍ରତିଯୋଗିତା ହେବାସହିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାପାଇଁ ଖେଳାଳୀ ଚୟନ କରାଯାଉଛି କ୍ଷ ଆଜି ପ୍ରଥମ ଦିନରେ କବାଡି ଓ ଫୁଟବଲ ଏବଂ ଆସନ୍ତାକାଲି କ୍ରିକେଟ ଓ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଆଜିର ଖେଳରେ ୬୬୨ଜଣ ଖେଳାଳୀ, ୭୫ଜଣ ଅଫିସିଆଲ ଏବଂ ୨୦ଜଣ ସ୍ୱେଚ୍ଛାସେବୀ




ସମୁଦାୟ ୭୫୭ଜଣ ଯୋଗଦେଇଛନ୍ତି। ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଆଜିର ଉଦ୍ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ କ୍ରୀଡ଼ାର ବହୁବିଧ ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀତନୟା ଗିରି ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଧରଣୀଧର ପାତ୍ର ଓ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ସଂଗଠନର ସାଧାରଣ ସମ୍ପାଦକ ଅଧିପ ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ସ୍ୱାଗତ ଭାଷଣ ଓ ଖ୍ରୀଷ୍ଟିଆନ ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ପୃଷ୍ଟି ଧନ୍ୟବାଦ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo